୧୪ - ୨୦ ଜାନୁଆରୀ ୨୦୨୪

ରବିବାର ସିନ୍ଦୁର
ସକାଳ
THE SAKALA

- ସଂପର୍କର ଯୋଡ଼ଣ ଉତ୍ତରାୟଣ
- କୃଷି ଓ କୃଷକର ପର୍ବ ପୋଙ୍ଗଲ
- ଆନନ୍ଦ ଓ ସଂପ୍ରୀତିର ପର୍ବ ବିହୁ
- ସୁଖ-ସମୃଦ୍ଧିର ପ୍ରତୀକ ଲୋହଡ଼ି
- ଉଡ଼ି ଉଡ଼ି ଯା'ରେ ଗୁଡ଼ି
- ରୁପେଲି ପରଦାରେ ଗୁଡ଼ିର ଝଲକ



# ଉତ୍ତରାୟଣ



ବିବିଧତାରେ ଭରା ଭାରତବର୍ଷ। ଏହାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଯେତିକି ଅନନ୍ୟ, ସେତିକି ପ୍ରାଚୀନ। ଆମ ଦେଶର ବିଭିନ୍ନ ପ୍ରାନ୍ତରରେ ପାଳନ ହୁଏ ବହୁ ପର୍ବପର୍ବାଣି। ପ୍ରତ୍ୟେକ ପର୍ବର ରହିଛି ସ୍ୱତନ୍ତ୍ରତା। ବାର ମାସରେ ପଡ଼େ ୧୨ଟି ସଂକ୍ରାନ୍ତି। ତେବେ ମକର ସଂକ୍ରାନ୍ତିର ମହତ୍ତ୍ୱ ଅଧିକ। କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପାଳିତ ହୋଇଥାଏ ମକର ସଂକ୍ରାନ୍ତି।

ଭାରତର ପ୍ରତ୍ୟେକ ପର୍ବ ସହିତ ଯୋଡ଼ି ହୋଇରହିଛି କିଛି ଆଧ୍ୟାତ୍ମିକ ଓ ବୈଜ୍ଞାନିକ କାରଣ। ଯେମିତି ମକର ସଂକ୍ରାନ୍ତି। ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ପ୍ରବେଶ କରିବାକୁ ସଂକ୍ରାନ୍ତି କୁହାଯାଏ। ସେହି ଅନୁସାରେ ସୂର୍ଯ୍ୟଙ୍କ ମକର ରାଶିରେ ପ୍ରବେଶକୁ ମକର ସଂକ୍ରାନ୍ତି ଭାବେ ପାଳନ କରାଯାଏ। ସେହିପରି ସୂର୍ଯ୍ୟଙ୍କ ମକର ରେଖାରୁ ଉତ୍ତର ରେଖା ବା କର୍କଟ ରେଖା ଆଡ଼କୁ ଗତି ହିଁ ଉତ୍ତରାୟଣ। ଏହି ଦିନଠାରୁ ଦିନ ବଡ଼ ଓ ରାତି ଛୋଟ ହୋଇଥାଏ। ଶାସ୍ତ୍ର ଅନୁସାରେ ଉତ୍ତରାୟଣ ହେଉଛି ଦେବତାଙ୍କ ଦିନ। ଏ ଅବସରରେ ସୂର୍ଯ୍ୟ ଦେବତାକୁ ପୂଜା କରାଯାଏ। ମକର ସଂକ୍ରାନ୍ତିରେ ଅନୁଷ୍ଠିତ ଯଜ୍ଞରେ ସମର୍ପଣ କରାଯାଉଥିବା ଦ୍ରବ୍ୟ ଗ୍ରହଣ କରିବାକୁ ଦେବତାମାନେ ଧରାପୃଷ୍ଠକୁ ଆଗମନ କରିଥାନ୍ତି। ଏହି ସମୟରେ ପୁଣ୍ୟାତ୍ମାମାନେ ଶରୀର ତ୍ୟାଗ କରି ସ୍ୱର୍ଗଲୋକରେ ପ୍ରବେଶ କରିଥାନ୍ତି। ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଉତ୍ତରାୟଣର ମହତ୍ତ୍ୱ ସଂପର୍କରେ 'ଗୀତା'ରେ କହିଛନ୍ତି।

ପୁରାଣ ଶାସ୍ତ୍ରରେ ଉତ୍ତରାୟଣ କାଳକୁ ସକାରାତ୍ମକର ପ୍ରତୀକ ବୋଲି କୁହାଯାଇଛି। ଏହି ସମୟରେ ଯେଉଁ କାର୍ଯ୍ୟ କରାଯାଏ, ତାହା ଶୁଭ ବିବେଚିତ ହୋଇଥାଏ। ଉତ୍ତରାୟଣ କାଳରେ ଗୃହ ପ୍ରବେଶ, ଦୀକ୍ଷା ଗ୍ରହଣ, ଯଜ୍ଞୋପବୀତ ଧାରଣ ଅତ୍ୟନ୍ତ ଶୁଭଦାୟକ। ମକର ସଂକ୍ରାନ୍ତି ଦିନ ଯଦି କୌଣସି ତୀର୍ଥ ସ୍ଥଳ, ପବିତ୍ର ନଦୀ, ସମୁଦ୍ରରେ ସ୍ନାନ କରି ଦାନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ। ପ୍ରୟାଗରାଜ, ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ଗଭୀର ବିଶ୍ୱାସ ରହିଛି।

ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ ଉତ୍ତରାୟଣ। କେଉଁଠି ମକର ତ କେଉଁଠି ପୋଙ୍ଗଲ ଅବା କେଉଁଠି ଲୋହଡ଼ି। ଏହାକୁ ଆଡ଼ମ୍ବର ସହକାରେ ସମସ୍ତେ ପାଳନ କରନ୍ତି। ନାଗଗୀତ, ଖାଇବାପିଇବା, ଭାବଦିଆନିଆ ଭିତରେ ପର୍ବ ପାଳନରେ ନିଜକୁ ସମସ୍ତେ ହଜାଇ ଦିଅନ୍ତି। ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥାଏ ଗୁଡ଼ିଉଡ଼ା ପର୍ବ। ଏହି ପର୍ବ ପାଳନ ବନ୍ଧୁତା, ଭ୍ରାତୃଭାବ ଓ ସଂପ୍ରୀତିର ବାର୍ତ୍ତା ପ୍ରଦାନ କରେ। ଉତ୍ତରାୟଣର ବିଶେଷତ୍ୱ ଓ ଆଧ୍ୟାତ୍ମିକତାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା :

# ଉତ୍ତରାୟଣ

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**: ରବି, ସୋମବାରରେ ଅସ୍ଥିରତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ। ମଙ୍ଗଳ,ବୁଧବାରରେ ନିଜ ଦାୟିତ୍ୱକୁ ସୁଚାରୁ ରୂପରେ ସମାପନ କରିବେ। ଗୁରୁ,ଶୁକ୍ରବାରରେ ଅଯଥା ଖର୍ଚ୍ଚ ଚିନ୍ତାର କାରଣ ପାଲଟି ପାରେ। ଶନିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ବୃଷ**: ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। ମଙ୍ଗଳ, ବୁଧବାରରେ ମହିଳାଙ୍କ ମନୋବଳ ଦୃଢ଼ ରହିବ। ଅଚିହ୍ନା ଲୋକଙ୍କ ଉପରେ ଭରସା କରନ୍ତୁ ନାହିଁ। ଗୁରୁ, ଶୁକ୍ରବାରରେ ନକାରାତ୍ମକ ଭାବାନାରୁ ଦୂରେଇ ରୁହନ୍ତୁ। ଶନିବାରରେ ଖାଦ୍ୟ ପାନୀୟରେ ଅଧିକ ଧ୍ୟାନ ରଖନ୍ତୁ।

**ମିଥୁନ**: ରବି, ସୋମବାରରେ ପରିବାରରେ ଉତ୍ତମ ବୁଝାମଣା ରହିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମଙ୍ଗଳ, ବୁଧବାରରେ ଆର୍ଥିକସ୍ଥିତି ମଜଭୁତ ରହିବ। ଗୁରୁ,ଶୁକ୍ରବାରରେ ମହିଳାମାନେ ଅବହେଳିତ ହେବେ। ଶନିବାରରେ ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ଆଗୁଆ ରହିବେ।

**କର୍କଟ**: ରବି, ସୋମବାରରେ ପରିଶ୍ରମ କରି ସଫଳତା ପାଇବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ମଙ୍ଗଳ, ବୁଧବାରରେ ସହକର୍ମୀଙ୍କ ସହ ବଚସା ହୋଇପାରେ । ଗୁରୁ,ଶୁକ୍ରବାରରେ ନିଜ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବେ। ଶନିବାରରେ ପରିବାରର ସହାୟତା ପାଇବେ।

**ସିଂହ**: ରବି, ସୋମବାରରେ ନିଜ ଦକ୍ଷତା ବଳରେ ଲୋକମାନଙ୍କୁ ପ୍ରଭାବିତ କରିବେ। ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ଗୁରୁ, ଶୁକ୍ରବାରରେ ଶତ୍ରୁମାନଙ୍କଠାରୁ ଦୂରେଇ ରୁହନ୍ତୁ। ଶନିବାରରେ ବିଭାଗୀୟ ଅଧିକାରୀଙ୍କଠାରୁ ଉଚିତ ପରାମର୍ଶ ପାଇବେ।

**କନ୍ୟା**: ରବି, ସୋମବାରରେ ଆତ୍ମବିଶ୍ୱାସ ସହ ସବୁ କାର୍ଯ୍ୟ ସମାପ୍ତ କରିବେ। କୌଣସି ଶୁଭ ସମାଚାର ପାଇବେ । ମଙ୍ଗଳ , ବୁଧବାରରେ ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ ବୃଦ୍ଧି ପାଇବ। ଗୁରୁ,ଶୁକ୍ରବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ। ଶନିବାରରେ ଆର୍ଥିକସ୍ଥିତି ସୁଦୃଢ଼ ରହିବ।

**ତୁଳା**: ରବି, ସୋମବାରରେ ଦାମ୍ପତ୍ୟ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ। ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟପୂରଣ ପାଇଁ ଚେଷ୍ଟା ଜାରି ରଖିବେ। ଗୁରୁ, ଶୁକ୍ରବାରରେ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଶନିବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ହାସଲ କରିବେ।

**ବିଛା**: ରବି, ସୋମବାରରେ ସଂପତ୍ତି କ୍ରୟବିକ୍ରୟ କରିବାର ସୁଯୋଗ ପାଇବେ। ମଙ୍ଗଳ, ବୁଧବାରରେ ଦୀର୍ଘ ଦିନ ପରେ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ। ଗୁରୁ, ଶୁକ୍ରବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି। ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ସୁଯୋଗ ରହିଛି।

**ଧନୁ**: ରବି, ସୋମବାରରେ ଅଯଥା ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି। ମଙ୍ଗଳ, ବୁଧବାରରେ ସୁଖ ସନ୍ତୋଷ ବୃଦ୍ଧି ପାଇବ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଗୁରୁ, ଶୁକ୍ରବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହୋଇପାରେ। ଶନିବାରରେ ସହକର୍ମୀଙ୍କ ସହ ବାଦବିବାଦ ଉପୁଜିପାରେ।

**ମକର**: ରବି,ସୋମବାରରେ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ। ମଙ୍ଗଳ, ବୁଧବାରରେ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ଗୁରୁ,ଶୁକ୍ରବାରରେ ପ୍ରିୟଜନଙ୍କ ସହଯୋଗ ପାଇବେ। ଶନିବାରରେ ବ୍ୟବସାୟରେ ପ୍ରସାର ପାଇଁ ନୂତନ ମାର୍ଗ ପାଇବେ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ହୋଇପାରନ୍ତି।

**କୁମ୍ଭ**: ରବି, ସୋମବାରରେ ଭବିଷ୍ୟତ ପାଇଁ ବଡ଼ ଯୋଜନା ପ୍ରସ୍ତୁତ କରିବେ। ମଙ୍ଗଳ, ବୁଧବାରରେ ଅଟକି ରହିଥିବା ଧନ ଫେରିପାଇବେ। ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବେ। ଶନିବାରରେ ଜୀବନରେ ଭିନ୍ନ ମୋଡ଼ ଦେଖାଦେବ। ଛାତ୍ରଛାତ୍ରୀମାନେ ପଢ଼ାରେ ମନୋନିବେଶ କରିବେ।

**ମୀନ**: ରବି,ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି। ମଙ୍ଗଳ, ବୁଧବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ। ଗୁରୁ, ଶୁକ୍ରବାରରେ ପରିଶ୍ରମର ଫଳପ୍ରାପ୍ତି ହେବ। ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭-୫୧୦୧୯
ଇ-ମେଲ୍ : feature@thesakala.com



# ସଂପର୍କର ଯୋଡ଼ଣ
# ଉତ୍ତରାୟଣ



ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ

ପୃଥିବୀ ତା'ର ଚତୁଃପାର୍ଶ୍ୱରେ ଅବିରାମ ଭାବରେ ଘୂରୁଛି, ଯାହାକୁ କୁହାଯାଏ ତା'ର ଆବର୍ତ୍ତନ ବା ଆହ୍ନିକ ଗତି । ଏହି ଆହ୍ନିକ ଗତି ଯୋଗୁଁ ସଂଘଟିତ ହେଉଛି ଦିନରାତି । ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ଆବର୍ତ୍ତନ କରିବା ସଙ୍ଗେ ସଙ୍ଗେ ପୃଥିବୀ ନିଜ କକ୍ଷପଥରେ ୨୩.୫ ଡିଗ୍ରୀ ଢଳି ରହି ସୂର୍ଯ୍ୟ ଚାରିପଟେ ମଧ୍ୟ ପରିକ୍ରମା କରୁଛି ଏକ ଉପବୃତ୍ତାକାର ପଥରେ । ଏହି ଉପବୃତ୍ତାକାର କକ୍ଷପଥର ନାଭିକେନ୍ଦ୍ରରେ ସୂର୍ଯ୍ୟ ଅବସ୍ଥାନ କରନ୍ତି ଏବଂ ତାଙ୍କ ଚତୁଃପାର୍ଶ୍ୱରେ ଥରେ ପରିକ୍ରମଣ କରିବା ପାଇଁ ପୃଥିବୀକୁ ଲାଗିଯାଏ ୩୬୫୧/୨ ଦିନ ବା ଗୋଟିଏ ବର୍ଷ । ସେଥିପାଇଁ ସୂର୍ଯ୍ୟଙ୍କ ପରିକ୍ରମଣ ଗତିକୁ କୁହାଯାଏ ବାର୍ଷିକ ଗତି । ସୂର୍ଯ୍ୟ ଚାରିପଟେ ପୃଥିବୀ ଏକ ଉପବୃତ୍ତାକାର ପଥରେ ପରିକ୍ରମା କରୁଥିବା କାରଣରୁ ସବୁଦିନେ ନିର୍ଦ୍ଦିଷ୍ଟ କୌଣସି ସ୍ଥାନରେ ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ ହୁଏନି କି ସବୁବେଳେ ସମାନ ରହେନି ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା । ଜାନୁୟାରୀ ପ୍ରଥମ ସପ୍ତାହରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ସର୍ବନିମ୍ନ ହୁଏ ଯାହାକୁ କୁହାଯାଏ ଅନସୂର ଅବସ୍ଥାନ । ଜୁଲାଇ ମାସ ପ୍ରଥମ ସପ୍ତାହରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ସର୍ବାଧିକ ଏବଂ ତାହାକୁ କୁହାଯାଏ ଅପସୂର ଅବସ୍ଥାନ । ଏଭଳି ଭିନ୍ନ ଭିନ୍ନ ଅବସ୍ଥାନ ଆଧାରରେ ନିର୍ଣ୍ଣୟ କରାଯାଏ ସୂର୍ଯ୍ୟଙ୍କ ପ୍ରତୀୟମାନ ଗତି । ସୂର୍ଯ୍ୟଙ୍କର ପ୍ରତୀୟମାନ ଗତି ଦୁଇ ପ୍ରକାର - ଉତ୍ତରାୟଣ ଓ ଦକ୍ଷିଣାୟନ ।

## ଉତ୍ତରାୟଣର ନାମକରଣ

ଅୟନର ଶାବ୍ଦିକ ଅର୍ଥ ଗତି ବା ଗମନ । ସୂର୍ଯ୍ୟଙ୍କ ଦକ୍ଷିଣପାର୍ଶ୍ୱ ଗତିକୁ ଦକ୍ଷିଣାୟନ ଓ ଉତ୍ତରପାର୍ଶ୍ୱ ଗତିର ନାମ ଉତ୍ତରାୟଣ । ସୂର୍ଯ୍ୟଙ୍କର ଏହି ଦୁଇପାର୍ଶ୍ୱ ଗତିପଥ ବିଷୁବ ରେଖାରୁ ଉତ୍ତରସ୍ଥ କର୍କଟ ଓ ଦକ୍ଷିଣସ୍ଥ ମକରକ୍ରାନ୍ତି ପର୍ଯ୍ୟନ୍ତ ପ୍ରଲମ୍ବିତ । ପୃଥିବୀର ଅକ୍ଷ ତା'ର କକ୍ଷପଥ ସହ ଲମ୍ବ ଭାବରେ ନ ରହି ୨୨.୫ଡିଗ୍ରୀ କୋଣ ସୃଷ୍ଟି କରୁଥିବାରୁ ଦିନ ଓ ରାତିର ଅବଧିରେ ପରିବର୍ତ୍ତନ ହୁଏ ଏବଂ ନିର୍ଦ୍ଦିଷ୍ଟ ବ୍ୟବଧାନରେ ବଦଳିଥାଏ ଋତୁ । କିନ୍ତୁ ପୃଥିବୀ ଯେତେବେଳେ ନିଜ କକ୍ଷପଥରେ ସୂର୍ଯ୍ୟ ଆଡ଼କୁ ସମାନ ଭାବରେ ଢଳି କରି ରହେ, ସେତେବେଳେ ସମାନ ହୋଇଯାଏ ଦିନ ଓ ରାତିର ଅବଧି । ଏହି ସମ ଦିବାରାତ୍ରି ଦିବସକୁ କୁହାଯାଏ କ୍ରାନ୍ତିପାତ ବା ସମ୍ପାତ । ସେଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଅବସ୍ଥାନ କରନ୍ତି ଏବଂ ବିଷୁବ ବୃତ୍ତ ଉପରେ ସୂର୍ଯ୍ୟ ରଶ୍ମି ସଧାସଳଖ ଲମ୍ବ ଭାବରେ ପଡ଼େ । ସେଦିନ ସୂର୍ଯ୍ୟଙ୍କଠାରୁ ସମାନ ଦୂରତାରେ ଥାଏ ଦୁଇ ଗୋଲାର୍ଦ୍ଧ ।

ବର୍ଷରେ କେବଳ ଦୁଇ ଦିନ 'ସମ ଦିବାରାତ୍ରି ଦିବସ ହୁଏ' ଏବଂ ସେ ଦୁଇଟି ଦିବସ ହେଉଛି 'ମାର୍ଚ୍ଚ ୨୧' ଏବଂ 'ସେପ୍ଟେମ୍ବର ୨୩' ତାରିଖ (ଜ୍ୟୋତିଷଶାସ୍ତ୍ର ଅନୁସାରେ ମେଷ ଓ ତୁଳା ସଂକ୍ରାନ୍ତି) । ଏହି ଦୁଇ ସମ୍ପାତ ମଧ୍ୟରୁ ମାର୍ଚ୍ଚ ୨୧ ତାରିଖ ବସନ୍ତ ସମ୍ପାତ ଓ ସେପ୍ଟେମ୍ବର ୨୩ ଶରତ ସମ୍ପାତ ଭାବରେ ଖ୍ୟାତ । ଏହା ବ୍ୟତୀତ ବର୍ଷସାରା କେତେବେଳେ ଦିନ ବଡ଼ ହୁଏ ତ କେତେବେଳେ ରାତି । ଉତ୍ତର ଗୋଲାର୍ଦ୍ଧରେ ରାତି ବଢୁଥିଲା ବେଳେ ଦକ୍ଷିଣ ଗୋଲାର୍ଦ୍ଧରେ ବଢ଼େ ଦିନର ଅବଧି । ସୂର୍ଯ୍ୟ ଯେଉଁଦିନ ଖଗୋଳ ବିଷୁବ ଓ କ୍ରାନ୍ତି ପଥର ବସନ୍ତ ଛେଦବିନ୍ଦୁ ଟପି ଉତ୍ତର ଆଡ଼କୁ (କର୍କଟ କ୍ରାନ୍ତି) ଅଗ୍ରସର ହୁଅନ୍ତି, ସେ ଦିନକୁ ସୂର୍ଯ୍ୟଙ୍କ ଗତିର ଆରମ୍ଭ ବୋଲି ଧରାଯାଏ ଏବଂ ତାହା ବର୍ଷର ଆରମ୍ଭ ଦିନ ବୋଲି କୁହାଯାଏ ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ।

ମାର୍ଚ୍ଚ ୨୧ ତାରିଖରୁ ଜୁନ ୨୨ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ବିଷୁବ ରେଖାଠାରୁ ୨୩ ଡିଗ୍ରୀ ଉତ୍ତରରେ ଅବସ୍ଥିତ କର୍କଟ କ୍ରାନ୍ତି ଯାଏ ଗତିକରି ବିଷୁର ରେଖାକୁ ଫେରି ଆସନ୍ତି ସେପ୍ଟେମ୍ବର ୨୨ ତାରିଖରେ । ସେପ୍ଟେମ୍ବର ୨୩ ତାରିଖରୁ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଦିଗକୁ ୨୩ ଡିଗ୍ରୀ ମକର କ୍ରାନ୍ତି ପର୍ଯ୍ୟନ୍ତ ଗତିକରି ଉତ୍ତରାଭିମୁଖୀ ହୁଅନ୍ତି ଏବଂ ବିଷୁବ ରେଖାକୁ ପ୍ରତ୍ୟାବର୍ତ୍ତନ କରନ୍ତି ମାର୍ଚ୍ଚ ୨୧ ରେ । ଏହା ପରଠାରୁ ପୃଥିବୀ ସୂର୍ଯ୍ୟ ଆଡ଼କୁ ଢଳିବା ଆରମ୍ଭ ହୁଏ, ଯାହା ଫଳରେ ଦିନ କ୍ରମଶଃ ବଢ଼ିବଢ଼ି ଚାଲେ, ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ । ଜୁନ୍ ୨୧ ତାରିଖ କର୍କଟକ୍ରାନ୍ତି ପାଖାପାଖି ସ୍ଥାନରେ ଦିନର ଅବଧି ୧୩ ଘଣ୍ଟା ହେବା ସ୍ଥଳେ ୧୧ ଘଣ୍ଟାକୁ ଖସି ଆସେ ରାତିର ଅବଧି । ଡିସେମ୍ବର ୨୨ ତାରିଖ ଦିନ ସେମିତି ରାତିର ଅବଧି ସର୍ବାଧିକ ହୁଏ ଏବଂ ସାନ ହୋଇଯାଏ ଦିନ । ବର୍ଷର ଏହି ଦୁଇଟି ଦିନକୁ କୁହାଯାଏ ଅୟନାନ୍ତ ।







# ମକର ସଂକ୍ରାନ୍ତି

ପ୍ରତ୍ୟେକ ଅୟନର ଅବଧି ଛ'ମାସ। କର୍କଟ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଛ'ମାସକୁ ଦକ୍ଷିଣାୟନ ମାସ କୁହାଯାଉଥିବା ବେଳେ ମକର ସଂକ୍ରାନ୍ତିଠାରୁ କର୍କଟ ସଂକ୍ରାନ୍ତି ପର୍ଯ୍ୟନ୍ତ ଛ'ମାସକୁ କୁହାଯାଏ ଉତ୍ତରାୟଣ ମାସ। କାରଣ ଆଷାଢ଼ ସଂକ୍ରାନ୍ତିଠାରୁ (ବିଜ୍ଞାନ ମତରେ ଜୁନ୍-୨୨) ଆରମ୍ଭ ହୁଏ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତି ବା ବିସର୍ଗ କାଳ। ସେହି କ୍ରମରେ ସୂର୍ଯ୍ୟ ଡିସେମ୍ବର ମାସ ୨୩ ତାରିଖ ଦିନ ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧର ମକର କ୍ରାନ୍ତି ଉପରେ ସିଧାସଳଖ ରହିବା ପରେ ଆରମ୍ଭ ହୁଏ ଉତ୍ତରାୟଣ ଗତି ବା ଆଦାନ କାଳ। କିନ୍ତୁ ହିନ୍ଦୁ ଜ୍ୟୋତିର୍ବିଜ୍ଞାନ ମତରେ ସୂର୍ଯ୍ୟ ଜାନୁଆରୀ (ମାଘ) ମାସର ପ୍ରାୟତଃ ୧୪ ତାରିଖରେ ନକ୍ଷତ୍ର-ନିଷ୍ଠ ନିରୟଣ ରାଶିଚକ୍ରର ମକର ରାଶିରେ ସଂକ୍ରମଣ କରନ୍ତି ବୋଲି ତା'ର ନାମ ମକର ସଂକ୍ରାନ୍ତି।

## ଶୁଭଦାୟକ ଉତ୍ତରାୟଣ

ଶାସ୍ତ୍ର ଅନୁସାରେ ଉତ୍ତରାୟଣ କାଳରେ ଗୃହପ୍ରବେଶ, ଦୀକ୍ଷାଗ୍ରହଣ, ବିବାହ, ଯଜ୍ଞୋପବୀତ ଧାରଣ, ଦାନ ଧର୍ମ, ତୀର୍ଥାଟନ ତଥା ପ୍ରତ୍ୟେକ ଶୁଭ କାର୍ଯ୍ୟ ପାଇଁ ମହତ୍ତ୍ୱପୂର୍ଣ୍ଣ ସମୟ। ବିଶେଷ କରି ଗଙ୍ଗା ଯମୁନା, ନଦୀରେ ସ୍ନାନ ଖୁବ୍ ଶୁଭଦାୟକ। ପୌରାଣିକ କଥା ଅନୁସାରେ ମହାରାଜା ଭଗୀରଥ ନିଜର ପୂର୍ବଜଙ୍କ ତର୍ପଣ ନିମନ୍ତେ ବର୍ଷ ବର୍ଷ ଧରି ତପସ୍ୟା କରିବା ଫଳରେ ପୃଥିବୀକୁ ଗଙ୍ଗା ଆଗମନ କରିଥିଲେ ଏହି ମକର ସଂକ୍ରାନ୍ତି ତିଥିରେ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଉତ୍ତରାୟଣ କାଳ ଅତ୍ୟନ୍ତ ଶୁଭଦାୟକ। ଏହି ସମୟରେ ମୃତ୍ୟୁବରଣ କଲେ ମୋକ୍ଷପ୍ରାପ୍ତ ହୁଏ ପ୍ରାଣୀ। ସେଥିପାଇଁ ଏହି ମକର ସଂକ୍ରାନ୍ତିରେ ଶରୀର ତ୍ୟାଗ କରିଥିଲେ ଇଚ୍ଛାମୃତ୍ୟୁ ବରପ୍ରାପ୍ତ ପିତାମହ ଭୀଷ୍ମ।

ସମସ୍ତ ପର୍ବ ଓ ଉତ୍ସବର ମୂଳାଧାର ହେଉଛି ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କ ପ୍ରତୀୟମାନ ଗତି। ଏହି ଗତି ପର୍ଯ୍ୟାୟରେ ସୌରମାନ ବର୍ଷର ଓ ମକର ମାସର ପ୍ରଥମ ଦିନ ହିଁ ମକର ସଂକ୍ରାନ୍ତି। ଏହି ସଂକ୍ରାନ୍ତିରୁ ପ୍ରାୟତଃ ସର୍ବାଧିକ ଭୂ-ଭାଗ ବିଶିଷ୍ଟ ଉତ୍ତର ଗୋଲାର୍ଦ୍ଧରେ ଦିନ ବୃଦ୍ଧି ପାଉଥିବାରୁ କେବଳ ଭାରତରେ ନୁହେଁ, ଏହା ଏକ ପ୍ରମୁଖ ଉତ୍ସବ ଭାବେ ପାଳିତ ହୁଏ ବିଶ୍ୱର ବିଭିନ୍ନ ଦେଶରେ। କୃଷିପ୍ରଧାନ ଭାରତବର୍ଷରେ ଏହା ଶାଲ୍ୟୋଦନ ବା ନବାନ୍ନ ଉତ୍ସବ। ଶରତ ଋତୁରେ ଆଶୁଧାନ୍ୟ, ବସନ୍ତରେ ଆମ୍ବ ଆଦିରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହେଲାବେଳେ ଏହି ସଂକ୍ରାନ୍ତିରେ ଶାଳି ଧାନ୍ୟରେ ନବାନ୍ନ ଭକ୍ଷଣ ହେଉଥିବାରୁ ଏହା ମଧ୍ୟ ଶାଲ୍ୟୋଦନ ସଂକ୍ରାନ୍ତି ନାମରେ ପରିଚିତ। ଶାଳିଧାନ୍ୟ ସହ ନୂତନ ଭାବରେ ତିଳ ଭକ୍ଷଣ ହେଉଥିବାରୁ ଏହାର ଅନ୍ୟ ଏକ ନାମ ତିଳ ସଂକ୍ରାନ୍ତି।

## ରାଶି ପରିବର୍ତ୍ତନ



ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ହେଉଛନ୍ତି ନବଗ୍ରହର ସ୍ୱାମୀ। ତାଙ୍କର ନିୟମିତ ଗତି ମଧ୍ୟରେ ରାଶି ପରିବର୍ତ୍ତନ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ସଞ୍ଚାର ବା ସଂକ୍ରମଣର ନାମ ସଂକ୍ରାନ୍ତି। ଏହି ପରିବର୍ତ୍ତନ ଧାରାରେ ବର୍ଷକୁ ୧୨ଟି ସଂକ୍ରାନ୍ତି ପଡ଼େ ଭିନ୍ନ ଭିନ୍ନ ନାମରେ। ମେଷ ଓ ତୁଳା ସଂକ୍ରାନ୍ତିକୁ 'ବିଷୁବତ୍', ବୃଷ, ସିଂହ, ବିଛା ଓ କୁମ୍ଭ ସଂକ୍ରାନ୍ତିକୁ 'ବିଷ୍ଣୁପଦୀ', ମିଥୁନ, କନ୍ୟା, ଧନୁ ଓ ମୀନ ସଂକ୍ରାନ୍ତିକୁ କୁହାଯାଏ 'ଷଡ଼ଶୀତି'। ତଦନୁଯାୟୀ କର୍କଟ ସଂକ୍ରାନ୍ତି ଦକ୍ଷିଣାୟନ ଓ ମକର ସଂକ୍ରାନ୍ତି ଉତ୍ତରାୟଣ ସଂକ୍ରାନ୍ତି ନାମରେ ପରିଚିତ। ଏହି ବାରଟି ସଂକ୍ରାନ୍ତି ମଧ୍ୟରୁ ସବୁଠାରୁ ଅଧିକ ମହତ୍ତ୍ୱ ରଖେ ମକର ବା ଉତ୍ତରାୟଣ ସଂକ୍ରାନ୍ତି। କାରଣ ସୂର୍ଯ୍ୟଙ୍କ ଉତ୍ତରାୟଣ ଊର୍ଦ୍ଧ୍ୱମୁଖୀ ଗତି ହେଉଛି ସକାରାତ୍ମକ ଊର୍ଜାର ସ୍ରୋତ।



## ଉତ୍ତରାୟଣର ପୌରାଣିକ ମାହାତ୍ମ୍ୟ

ଋତୁଚକ୍ରରେ ଏହି ସ୍ୱତନ୍ତ୍ର ଦିନଟି ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନ ସହିତ ଯୋଡ଼ିହୋଇ ରହିଥିବାରୁ ଏହା ଦେଶର ପ୍ରାୟତଃ ସବୁ ଅଞ୍ଚଳରେ ପାଳନ କରଯାଏ ଭିନ୍ନ ଭିନ୍ନ ନାମରେ ଓ ଭିନ୍ନ ଭିନ୍ନ ପରଂପରା ଅନୁସାରେ। ଉତ୍ତର ଭାରତରେ ଏହି ପର୍ବ ଦଧିମନ୍ଥନ ବ୍ରତ ଭାବରେ ଆଚରିତ। ସେଥିପାଇଁ ସେଠାରେ ମକର ସଂକ୍ରାନ୍ତିର ନାମ ଦଧି ସଂକ୍ରାନ୍ତି। ବ୍ରହ୍ମାଣ୍ଡ ପୁରାଣ ଅନୁଯାୟୀ ଦ୍ରୋଣାଚାର୍ଯ୍ୟଙ୍କ ସହଧର୍ମିଣୀ 'କୃପୀ' ସନ୍ତାନ କାମନା କରି ଗୋସେବା କରିବା ସହିତ ଦୁର୍ବାସା ଋଷିଙ୍କ ସେବା ସୁଚାରୁ ରୂପେ ସମ୍ପାଦାନ କରିଥିବାରୁ ସେଥିରେ ପ୍ରୀତ ହୋଇ ତାଙ୍କୁ ଦଧିମନ୍ଥନ ବ୍ରତ ପାଳନ ପାଇଁ ଉପଦେଶ ଦେଇଥିଲେ ମହର୍ଷି ଦୁର୍ବାସା। କାରଣ ଏହି ବ୍ରତ ପାଳନର ଫଳ ସ୍ୱରୂପ କୃଷ୍ଣଙ୍କୁ ପୁତ୍ର ରୂପେ ପାଇବାର ସୌଭାଗ୍ୟ ଲାଭ କରିଥିଲେ ମାତା ଯଶୋଦା। ଦଧିମନ୍ଥନ ବ୍ରତରେ ପୁଷ୍ପ-ଚନ୍ଦନ ସିନ୍ଦୂର ଶୋଭିତ ଦଧିଭାଣ୍ଡ ସହ କୃଷ୍ଣ ଯଶୋଦାଙ୍କ ମୂର୍ତ୍ତି ପୂଜା କରାଯାଏ ଏବଂ ଗାନ କରାଯାଏ କୃଷ୍ଣଲୀଳା।



## ଉତ୍ତରାୟଣ: କେଉଁଠି, କେମିତି

ଉତ୍ତରାୟଣ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ବଙ୍ଗଳାରେ ମକର ପର୍ବରେ ସ୍ତ୍ରୀଲୋକମାନେ ହସ୍ତରେ ଦୂର୍ବାଧାରଣ ପୂର୍ବକ ଭଣ୍ଡାର ପରିକ୍ରମା କରନ୍ତି ବାଉନଗୁଣ ଧନବୃଦ୍ଧି କାମନାରେ। ପୂଜାର୍ଚ୍ଚନା ପାଇଁ ସେଠାରେ ଆୟୋଜନ ହୁଏ ଗଙ୍ଗାସାଗର ମେଳା। ରାଜସ୍ଥାନ, ଉତ୍ତର ପ୍ରଦେଶ ଏବଂ ମଧ୍ୟ ଭାରତରେ ଲୋକେ ସେଦିନ ବିତରଣ କରନ୍ତି ଅନ୍ନ, ବସ୍ତ୍ର, ତିଳ ଓ ନାନା ପ୍ରକାର ମିଷ୍ଟାନ୍ନ। ଦକ୍ଷିଣ ଭାରତରେ ମକର ସଂକ୍ରାନ୍ତିରୁ ନୂଆବର୍ଷ ଆରମ୍ଭ ହୁଏ, ଯାହାର ନାମ ପୋଙ୍ଗାଲ।





## ଓଡ଼ିଶାରେ ମକର

ଉତ୍ତରାୟଣ ସଂକ୍ରାନ୍ତି ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥ ଓ ଲିଙ୍ଗରାଜଙ୍କ ବିଶେଷ ପର୍ବ ଭାବରେ ମାନ୍ୟତା ପ୍ରାପ୍ତ। ସେଦିନ ଶ୍ରୀଜଗନ୍ନାଥଙ୍କ ବାଲଧୂପ ପରେ ପାଳନ ହୁଏ ମକର ଉତ୍ସବ। ଏଥିରେ ଯାତ୍ରାଙ୍ଗୀ ମହାସ୍ନାନ ପରେ ଫୁଲ ଚନ୍ଦନ ଓ ବସ୍ତ୍ରଲାଗି କରାଯାଏ ଏବଂ ଏହା ହିଁ ମହାପ୍ରଭୁଙ୍କ ମକର ବେଶ। ନୀଳାଦ୍ରି ମହୋତ୍ସବ ଗ୍ରନ୍ଥରେ ଉଲ୍ଲିଖିତ ବିଧିବିଧାନ ଅନୁସାରେ ସେଦିନ ମହାପ୍ରଭୁଙ୍କୁ ଲାଗି କରାଯାଏ ନୂଆ ଚାଉଳ, କ୍ଷୀର, ଗୁଡ଼, ଆଖୁ, କଦଳୀ, ନଡ଼ିଆ, ଗୋଲମରିଚ ଓ କର୍ପୂରାଦିରେ ପ୍ରସ୍ତୁତ ମକର ଭୋଗ। ଲିଙ୍ଗରାଜ ମନ୍ଦିରରେ ଏହା ଘୃତ କମ୍ବଳ ଉତ୍ସବ ନାମରେ ଖ୍ୟାତ। ଜଳ ସହିତ ଘୃତର ମିଶ୍ରଣକୁ କୁହାଯାଏ ଘୃତକମ୍ବଳ। ଶୀତ କାଳରେ ଘୃତ କମ୍ବଳର ଅପରିହାର୍ଯ୍ୟ ଆବଶ୍ୟକତା ଦୃଷ୍ଟିରୁ ଏହା ଦେବାର୍ଚ୍ଚନା ବିଧି ଅନ୍ତର୍ଭୁକ୍ତ।



## ମକର ସଂକ୍ରାନ୍ତିରେ ସ୍ନାନର ମହତ୍ତ୍ୱ

ସାଧାରଣତଃ ମକର ଆସେ ମାଘ ଶୀତର ଲେଉଟାଣି ବେଳେ। କ୍ଷେତରୁ ଆସି ଖଳାରେ ଗଦାମରା ସରିଥାଏ ଚାଷୀର ଅମଳ। କେଉଁଠି ସୁନା ରଙ୍ଗର ସୋରିଷ କ୍ଷେତ ହସୁଥାଏ ତ ଅନ୍ୟ କେଉଁଠି ଲମ୍ବିଥାଏ ରବି ଫସଲର ବିସ୍ତୃତ ଶେଯ। ବାଡ଼ି ବଗିଚାରେ ବସିଥାଏ ଫୁଲର ହାଟ। ଏମିତି ଏକ ସୁନ୍ଦର ପରିବେଶରେ କେଉଁଠି ମିଠା, ପିଠା ଓ ମକର ଚାଉଳରେ ମକର ପର୍ବକୁ ସ୍ୱାଗତ କରାଯାଏ ତ ଅନ୍ୟ କେଉଁଠି ମକର ଉତ୍ସବକୁ ଆନନ୍ଦମୁଖର କରିଦିଏ କୁକୁଡ଼ା ଲଢ଼େଇ ଓ ଗୁଡ଼ିଉଡ଼ା ପ୍ରତିଯୋଗିତା। ମକର ସଂକ୍ରାନ୍ତି ପୁଣ୍ୟ କାଳର ପ୍ରତ୍ୟୁଷରେ ନଦୀ ଓ ପୁଷ୍କରିଣୀରେ ସ୍ନାନ ସାରି ସୂର୍ଯ୍ୟ ଦେବତାଙ୍କୁ ଦର୍ଶନ କଲେ ସକଳ ପାପରୁ ମୁକ୍ତି ମିଳେ ବୋଲି ହିନ୍ଦୁ ମାନଙ୍କର ବିଶ୍ୱାସ। ସେହି କାରଣରୁ ନଦୀ ଓ ସରୋବର ତଟରେ ମକର ମେଳା ଅନୁଷ୍ଠିତ ହେବା ପରମ୍ପରା ରହି ଆସିଛି କେଉଁ ଆବାହନ କାଳରୁ।



## ଆଦିବାସୀଙ୍କ ଗଣପର୍ବ ମକର

ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ମକର ଏକ ଗଣପର୍ବ। ମକର ଆସିବା ଆଗରୁ ପ୍ରବାସରୁ ଫେରି ଆସନ୍ତି ଆଦିବାସୀ ଯୁବକ ଯୁବତୀ। ମକର ମହକ ତାଙ୍କୁ ଏମିତି ମତୁଆଲା କରେ ଯେ ତାଙ୍କ ଚେତନାକୁ ଆକଟ କରି ରଖିପାରେନି ବିଦେଶର ବ୍ୟସ୍ତ ଜୀବନ। ଯିଏ ଯେଉଁଠି ଥିଲେ ବି ସମସ୍ତଙ୍କୁ ଆକର୍ଷି ଆଣେ ଏହି ସର୍ବଜନ ଆନନ୍ଦଦାୟକ ପର୍ବର ଅମୃତମୟ ଆହ୍ଲାଦ। ସେଦିନ ଘରେ ଘରେ ଆୟୋଜନ ହୁଏ ନାନା ପ୍ରକାର ପିଠାପଣା ଓ ଭୋଜିଭାତ। ପର୍ବମୟ ଗାଆଁ ଦାଣ୍ଡରେ ନାରୀ ପୁରୁଷ ସମସ୍ତେ ନାଚ ଗୀତରେ ମତୁଆଲା ହୁଅନ୍ତି ଏବଂ ଏକ ହୋଇଯାଏ ଅନେକ ସୁର, ଅନେକ ଗୀତ, ଅନେକ ନାଦ ଓ ଅନେକ ପାଦ। ହାତରେ ହାତ ଛନ୍ଦି, ପାଦରେ ପାଦ ମିଳାଇ, ସୁରରେ ସୁର ଯୋଡ଼ି ଅନୁଭବ କରନ୍ତି ସମୂହ ଜୀବନର ଆନନ୍ଦ। ଆରମ୍ଭରୁ ଆଦିବାସୀମାନଙ୍କ ପାଇଁ ଏହାଥିଲା ଏକ ଶିକାର ଭିତ୍ତିକ ପର୍ବ। ପରମ୍ପରା ଅନୁଯାୟୀ ମକର ହେଉଛି ସେମାନଙ୍କ ନୂଆ ଶିକାର ଯାତ୍ରାର ଆଦ୍ୟ ଦିବସ। ସେଦିନ ଗ୍ରାମବାସୀ ସମସ୍ତେ ଦେବୀ ପୀଠରେ ଏକାଠି ହୁଅନ୍ତି ଲାକ୍ଷବିନ୍ଧା ପ୍ରତିଯୋଗିତା ପାଇଁ। ଏକ ଖୋଲା ପଡ଼ିଆରେ ଯୁବକ ମାନଙ୍କ ହାତରେ ଧରେଇ ଦିଆଯାଏ ଧନୁ ଓ ତୀର। ଜଣ ଜଣ କରି ଅନେକ ଯୁବକ ଧନୁରେ ଶର ଯୋଖନ୍ତି ଓ ଯାହାର ଶରଲକ୍ଷ୍ୟ ଭେଦ କରେ ସେ ପାଲଟି ଯାଏ ବୀର। ତା' ମଥାରେ ବନ୍ଧାଯାଏ ନୂଆ ଲୁଗା। ଲୋକେ ତାକୁ କାନ୍ଧରେ ବସେଇ ଗାଆଁ ପରିକ୍ରମା କରନ୍ତି ଏବଂ ଢୋଲ ମାଦଳରେ ଫାଟିପଡ଼େ ଗାଆଁ। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ମକର ଉତ୍ସବର ଅନ୍ୟ ଏକ ଆକର୍ଷଣ ହେଉଛି ଟୁସୁ ପୂଜା ଓ ଟୁସୁ ମେଳା। ଆଦିବାସୀଙ୍କ ଟୁସୁ ପୂଜା ଅନ୍ତରାଳରେ କରିଛି ଏକ ସୁନ୍ଦର ଲୋକକଥା। ଉତ୍ତର ଭାରତର ବୁଲନ୍ଦ ରାଜ୍ୟରେ ଉଡୁମୀ ସମ୍ପ୍ରଦାୟର ରାଜା ବୀରବଲ୍ଲ ଙ୍କର ସୁନ୍ଦରୀ ଝିଅ ଟୁସ୍‌ମନୀ। ରାଜା ତାକୁ ଅତି ସ୍ନେହରେ ଡାକୁଥିଲେ ଟୁସୁ। ତା'ର ରୂପ ଓ ଗୁଣ ସମ୍ପର୍କରେ ଶୁଣିଲା ପରେ ତାକୁ ବୋହୂ କରିବା ପାଇଁ ଇଚ୍ଛାପ୍ରକଟ କଲେ ଦିଲ୍ଲୀର ବାଦ୍‌ଶାହା ଆଲ୍ଲାଉଦିନ୍ ଖିଲିଜ୍। ମାତ୍ର ବାଦ୍‌ଶାହା ଅନ୍ୟ ଧର୍ମର ହୋଇଥିବାରୁ ତାଙ୍କ ପ୍ରସ୍ତାବକୁ ଗ୍ରହଣ କଲେନି ବୀରବଲ୍ଲ। ଫଳରେ ସେ ବାଦ୍‌ଶାହାଙ୍କ ରୋଷର ଶିକାର ହେଲେ ଏବଂ ଭୟରେ ଆତ୍ମଗୋପନ କଲେ ନାଗ୍‌ପୁରର ଏକ ନିଘଞ୍ଚ ଜଙ୍ଗଲରେ। କ୍ରୋଧିତ ବାଦ୍‌ଶାହାଙ୍କର ଚର ଜଙ୍ଗଲରେ ଘୂରି ବୁଲିଲେ ଟୁସୁର ସନ୍ଧାନ ପାଇଁ। ଏ କଥା ଜାଣିପାରି ଧରାପଡ଼ିବା ପୂର୍ବରୁ ମକର ସଂକ୍ରାନ୍ତି ଦିନ ନଦୀକୁ ଡେଇଁପଡ଼ି ଆତ୍ମହତ୍ୟା କଲା ଟୁସୁ। ତା' ପରଠୁ କୁଡୁମୀମାନଙ୍କ ଦୃଷ୍ଟିରେ ଟୁସୁ ପାଲଟିଗଲା ଦେବୀ। ତେଣୁ ଅତୀତର ସ୍ମୃତିକୁ ଉଦ୍‌ଜୀବିତ କରି ରଖିବା ପାଇଁ ମକର ସଂକ୍ରାନ୍ତି ଦିନ କୁଡୁମୀ ସମ୍ପ୍ରଦାୟର ଅନୁଢ଼ା କିଶୋରୀମାନେ ଟୁସୁଦେବୀଙ୍କୁ ପୂଜା କରି ଆସୁଛନ୍ତି ପରମ୍ପରା କ୍ରମେ। ମୟୂରଭଞ୍ଜ ଜିଲ୍ଲାରେ ମକର ପର୍ବର ଆଉ ଏକ ଆକର୍ଷଣ ହେଉଛି ମକର ମେଳା। କପ୍ତିପଦା ସବ୍‌ଡ଼ିଭିଜନ୍‌ର ଶମୀବୃକ୍ଷ, ବାମନଘାଟିରେ ରାଣୀବନ୍ଧ, ପାଞ୍ଚପିଢ଼ିରେ କେଶରୀ କୁଣ୍ଡ, ଯଶିପୁରରେ ରାମତୀର୍ଥ ଓ ଖିଚିଂରେ ଦୋମୁହାଣି ଓ ଆହୁରି ଅନେକ ଜାଗାରେ ସପ୍ତାହ ବ୍ୟାପୀ ବସେ ମକର ମେଳା।

ପ୍ରାରମ୍ଭିକ ଅବସ୍ଥାରେ ମକର ଏକ ଶିକାର ଭିତ୍ତିକ ପର୍ବ ଥିଲେ ବି ପରବର୍ତ୍ତୀ ସମୟରେ ଏହା କୃଷି ପର୍ବରେ ରୂପାନ୍ତରିତ ହେଲା ଏବଂ ଶିକାର ର ସ୍ଥାନ ନେଲା ଶସ୍ୟ। ସେଥିପାଇଁ ମକର ସଂକ୍ରାନ୍ତିର ମୁଖ୍ୟ ଆକର୍ଷଣ ହେଉଛି ମକର ଚାଉଳ। ନୂଆ ଧାନରେ ଅରୁଆ ଚାଉଳ ସହିତ ନୂଆ ଗୁଡ଼, ଆଖୁ, ଦୁଧ, ଛେନା, ନଡ଼ିଆ ଓ ଘିଅ ଆଦିର ଏକ ଆନୁପାତିକ ମିଶ୍ରଣ। ଏହା ପ୍ରଥମେ ଗୃହ ଦେବତା ଓ ଧାନଖଳାରେ ଭୋଗ ଲାଗିବା ପରେ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ ହୁଏ ସମ୍ପର୍କ ଅତୁଟ ରଖିବା ପାଇଁ।



## ଗୁଡ଼ିଉଡ଼ା ପର୍ବ

ମକର ସଂକ୍ରାନ୍ତି ର ଅନ୍ୟ ଏକ ଆକର୍ଷଣ ହେଉଛି ଗୁଡ଼ିଉଡ଼ା ପର୍ବ। ମକର ସଂକ୍ରାନ୍ତି ପାଖେଇ ଆସିଲେ କଟକ ଆକାଶରେ ଦେଖିବାକୁ ମିଳେ ରଙ୍ଗ ବେରଙ୍ଗର ଅନେକ ଗୁଡ଼ି। ନଦୀ ଘାଟରେ ଅନୁଷ୍ଠିତ ଗୁଡ଼ିଉଡ଼ା ପ୍ରତିଯୋଗିତାକୁ ଉପଭୋଗ କରନ୍ତି ଆବାଳ ବୃଦ୍ଧବନିତା। ଭାଇଚାରାର ଏହି ପରମ୍ପରା ଏବେ ମାଞ୍ଜାସୂତା କଟକଣା ଯୋଗୁ ବନ୍ଦ ହୋଇଗଲାଣି ସତ, ହେଲେ ଲୋକେ ଏଯାଏ ଭୁଲି ନାହାନ୍ତି ଗୁଡ଼ି ଉଡ଼ାକୁ ନେଇ ଖୋକା ଭାଇଙ୍କର ସେହି ଗୀତ - ଉଡ଼ି ଉଡ଼ି ଯାରେ ଗୁଡ଼ି....।



## ବନ୍ଧୁତାର ପର୍ବ ମକର

ମକର ହେଉଛି ଆମ ସାମୂହିକ ଜୀବନର ଯୋଡ଼ଣ ବା ବନ୍ଧୁତାର ପ୍ରତୀକ ଏକ ଭାଇଚାରାର ପର୍ବ। ସେଥିପାଇଁ ତ ପରସ୍ପର ଭିତରେ ମକର ବସାନ୍ତି ଓ 'ମକର' ବୋଲି ଡକାଡକି ହୁଅନ୍ତି ବନ୍ଧୁତ୍ୱର ଅନ୍ତରଙ୍ଗ ଉଚ୍ଛ୍ୱାସ ନେଇ। ଭାଷା, ସଂସ୍କୃତି, ପରମ୍ପରା ଓ ବେଶପୋଷାକ ଆଦି ଦୃଷ୍ଟିରୁ ଯେତେ ଯାହା ଭିନ୍ନତା ଥିଲେ ବି ମକର ସମସ୍ତଙ୍କୁ ଯୋଡ଼ିଦିଏ ସ୍ନେହ, ମମତା ଓ ବନ୍ଧୁତା ଡୋରିରେ। ସେହି ଡୋରିର ନାମ ହେଉଛି ମକର ମିଳନ। ସାଧାରଣତଃ ପ୍ରତ୍ୟେକ ପର୍ବ ଅନ୍ତରାଳରେ ରହିଛି ଏକ ଆଧ୍ୟାତ୍ମିକ ବିଶ୍ୱାସ, ଯାହା ମଣିଷର ମାନସିକ ଶାନ୍ତି ଓ ପ୍ରେରଣା ପାଇଁ ଅଭିପ୍ରେତ। ଏହି ଦୃଷ୍ଟିରୁ ମକର ପର୍ବ ଯେତିକି ଆଚାରସିଦ୍ଧ, ସେତିକି ବିଜ୍ଞାନ ସମ୍ମତ। କାଳ କାଳ ଧରି ବଞ୍ଚି ରହୁ ଏହି ଉତ୍ସବ ଓ ସଂସ୍କୃତି। ଉତ୍ସବମୟ ପରିବେଶରେ ଯୋଡ଼ି ହୋଇ ଯାଉ ମଣିଷ ମଣିଷ ଭିତରେ ଥିବା ବିଭେଦର ଫାଙ୍କ। ଦୃଢ଼ ହେଉ ସ୍ନେହ, ପ୍ରେମ ଓ ଭାତୃତ୍ୱର ବନ୍ଧନ। ■

ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# କୃଷି ଓ କୃଷକର ପର୍ବ ପୋଙ୍ଗଲ



ପ୍ରତିବର୍ଷ ଦକ୍ଷିଣ ଭାରତରେ ମକର ସଂକ୍ରାନ୍ତିର ଦିନ ପାଳିତ ହୋଇଥାଏ ପୋଙ୍ଗଲ ପର୍ବ। ପୋଙ୍ଗଲ ବା ଖିଚ୍‌ଡିର ପର୍ବ ସୂର୍ଯ୍ୟଙ୍କ ଉତ୍ତରାୟଣ ପୁଣ୍ୟକାଳରେ ପାଳିତ ହୋଇଥାଏ। ଦକ୍ଷିଣ ଭାରତ ତଥା ତାମିଲନାଡୁରେ ଏହି ପର୍ବ ଚାରିଦିନ ଧରି ଚାଲିଥାଏ। ପ୍ରଥମ ଦିନ ଭୋଗୀ, ଦ୍ୱିତୀୟ ଦିନ ସୂର୍ଯ୍ୟ, ତୃତୀୟ ଦିନ ମଟ୍ଟୁ ଓ ଚତୁର୍ଥ ଦିନ କନ୍ୟା ପୋଙ୍ଗଲ ପାଳିତ ହୋଇଥାଏ। ପ୍ରଥମ ଦିନ ଭୋଗୀ ପୋଙ୍ଗଲରେ ଇନ୍ଦ୍ରଦେବଙ୍କୁ ପୂଜାର୍ଚ୍ଚନା କରାଯାଏ।

ସେହିଭଳି ଦ୍ୱିତୀୟ ଦିନ ସୂର୍ଯ୍ୟଦେବ, ତୃତୀୟ ଦିନ ମଟ୍ଟୁ ଅର୍ଥାତ ନଦୀ ଓ ଚତୁର୍ଥ ଦିନ କନ୍ୟାଙ୍କୁ ପୂଜା କରାଯାଇଥାଏ। ଚତୁର୍ଥ ଦିନକୁ କାନୁମ ପୋଙ୍ଗଲ ମଧ୍ୟ କୁହାଯାଏ। ଏହି ଦିନ ସାମୂହିକ ଭୋଜନର ଆୟୋଜନ କରାଯାଏ। ଶେଷ ଦିନରେ ମହିଳାମାନେ ସ୍ୱତନ୍ତ୍ର ଭାବେ ପୂଜା କରିଥାନ୍ତି। ଆଉ ପରସ୍ପରକୁ ପୋଙ୍ଗଲ ପ୍ରସାଦ ପ୍ରଦାନ କରିଥାନ୍ତି। ପୋଙ୍ଗଲ ପର୍ବ ଅବସରରେ କେତେକ ସ୍ଥାନରେ ମହିଳାମାନେ ଭାଇମାନଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥାନ୍ତି।

## ପୋଙ୍ଗଲର ବିଶେଷତ୍ୱ

ଦକ୍ଷିଣ ଭାରତରେ ଧାନ ଫସଲ କଟା ହେବା ପରେ ତାହାକୁ ନେଇ ଘରେ ରଖନ୍ତି। ସେଥିପାଇଁ ସେଠାକାର କୃଷକମାନେ ଖୁସି ବ୍ୟକ୍ତ କରିଥାନ୍ତି। ତାହା ସହିତ ଆଗାମୀ ବର୍ଷ ଭଲ ଫସଲ ଅମଳ ହେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରି ଏହି ପର୍ବ ପାଳନ କରନ୍ତି। ପରିବାରର ସମୃଦ୍ଧି, ଉନ୍ନତି ଓ ସୁଖ ପାଇଁ ତାମିଲ ହିନ୍ଦୁମାନେ ତଥା ଦକ୍ଷିଣ ଭାରତୀୟ ଲୋକେ ବର୍ଷା, ସୂର୍ଯ୍ୟ, ଖରା, ଇନ୍ଦ୍ରଦେବ ତଥା କ୍ଷେତକୁ ପୂଜା କରନ୍ତି।

## ଦକ୍ଷିଣ ଭାରତର ନବବର୍ଷ

ଆମ ଦେଶର ରାଜ୍ୟ-ଗୁଡ଼ିକରେ ନବ ବର୍ଷ ଭିନ୍ନ ଭିନ୍ନ ଦିନରେ ପାଳନ କରାଯାଏ। ମହାବିଷୁବ ପଣା ସଂକ୍ରାନ୍ତିରେ ଉତ୍କଳୀୟ ନବବର୍ଷ ପାଳନ କରାଯାଉଥିବାବେଳେ ଉତ୍ତର ଭାରତରେ ଏହା ଚୈତ୍ର ଶୁକ୍ଳ ପ୍ରତିପଦାରେ ପାଳିତ ହୋଇଥାଏ। ହେଲେ ଦକ୍ଷିଣ ଭାରତରେ ଏହା ସୂର୍ଯ୍ୟଙ୍କ ଉତ୍ତରାୟଣ ହେବା ସମୟରେ ପାଳନ କରାଯାଏ। ଅର୍ଥାତ୍ ପୋଙ୍ଗଲ ଆସିଲେ ହିଁ ଦକ୍ଷିଣ ଭାରତରେ ବସବାସ କରୁଥିବା ଲୋକେ ନବବର୍ଷ ପାଳନ କରନ୍ତି।

ଦକ୍ଷିଣ ଭାରତର ଏକ ଲୋକପ୍ରିୟ ପର୍ବ ମଧ୍ୟରେ ପୋଙ୍ଗଲ ଅନ୍ୟତମ। ବିଶେଷକରି ଏହା ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ କେରଳରେ ଧୂମ୍‌ଧାମରେ ପାଳନ କରାଯାଏ। ମକର ସଂକ୍ରାନ୍ତି ପରି ଏହା ମଧ୍ୟ ସୂର୍ଯ୍ୟଙ୍କ ଉତ୍ତରାୟଣ ପର୍ବ। ଫସଲ କାଟିବା ଖୁସିରେ ଏହି ପର୍ବ ପାଳନ କରାଯାଏ। ପୋଙ୍ଗଲର ବିଶେଷତ୍ୱକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ପ୍ରତିବେଦନ।







## ବିଶେଷ ମହତ୍ତ୍ୱ ରଖେ ଫୁଟୁଥିବା କ୍ଷୀର

ପୋଙ୍ଗଲ ପର୍ବରେ ଫୁଟୁଥିବା ଗାଈ କ୍ଷୀର ବେଶ୍ ଗୁରୁତ୍ୱ ବହନ କରିଥାଏ। ଯେମିତି ଫୁଟୁଥିବା ଗାଈ କ୍ଷୀର ଶୁଦ୍ଧ ଓ ଶୁଭ ଅଟେ। ଠିକ୍ ସେହିପରି ପ୍ରତ୍ୟେକ ପ୍ରାଣୀର ମନ ବି ଶୁଦ୍ଧ ଓ ସଂସ୍କାରରେ ଉଜ୍ଜ୍ୱଳ ହେବା ଆବଶ୍ୟକ। ଏଭଳି ବାର୍ତ୍ତା ପ୍ରଦାନ କରିଥାଏ ପୋଙ୍ଗଲ ପର୍ବ। ସେଥିପାଇଁ ନୂଆ ବାସନରେ ହିଁ କ୍ଷୀରକୁ ଫୁଟା ଯାଇଥାଏ।

## ପୋଙ୍ଗଲ ବ୍ୟଞ୍ଜନ

ଓଡ଼ିଶାରେ ଯେମିତି ରଜ, ନୂଆଁଖାଇରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଠିକ୍ ସେହିପରି ତାମିଲନାଡୁରେ ମଧ୍ୟ ପୋଙ୍ଗଲ ଅବସରରେ ଘରେ ଘରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ଏହି ଦିନ ସ୍ୱତନ୍ତ୍ର ଖିରି ତିଆରି କରାଯାଏ। ତାହାସହ ମିଠା ଓ ମସାଲାଯୁକ୍ତ ବ୍ୟଞ୍ଜନ ତିଆରି କରାଯାଏ। ହସଖୁସିରେ ପରିବାରର ସମସ୍ତେ ମିଳିମିଶି ପୋଙ୍ଗଲ ପ୍ରସାଦକୁ ଖାଇଥାନ୍ତି। ■

## କେମିତି ପାଳନ ହୋଇଥାଏ ପୋଙ୍ଗଲ

ଚାରିଦିନ ପାଳନ କରାଯାଉଥିବା ପୋଙ୍ଗଲରେ ପ୍ରଥମ ଦିନ କୁଟାକାଟିକୁ ଏକତ୍ର କରି ଜଳା ଯାଇଥାଏ। ସେହିଭଳି ଦ୍ୱିତୀୟ ଦିନରେ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ହୋଇଥାଏ। ତୃତୀୟ ଦିନରେ ପଶୁଧନଙ୍କୁ ପୂଜା କରାଯାଏ। ଶେଷ ଦିନରେ କାଳୀଙ୍କୁ ପୂଜା କରିବାର ରୀତିନୀତି ମଧ୍ୟ ରହିଛି। ଏହି ଦିନ ଦୀପାବଳିର ଅନୁଭବ ଆଣି ଦେଇଥାଏ। ଏଅବସରରେ ଲକ୍ଷ୍ମୀ ପୂଜା ଓ ଗିରି ଗୋବର୍ଦ୍ଧନ ପୂଜା କରାଯାଏ। ରଙ୍ଗିନ ଆଲୋକରେ ଝଲସି ଉଠେ ତାମିଲ ହିନ୍ଦୁଙ୍କ ଘର। ତାହା ସହ ବିଭିନ୍ନ ରଙ୍ଗର ମୁରୁଜର ପକାଇ ଘରକୁ ସଜା ଯାଇଥାଏ। ରଙ୍ଗବେରଙ୍ଗ ହୋଇଉଠେ ଘର ଅଗଣା। ଏହି ଦିନ ନୂଆ ବସ୍ତ୍ର ସହ ନୂଆ ବାସନକୁସନ କିଣନ୍ତି ଦକ୍ଷିଣ ଭାରତବାସୀ। ତାହା ସହ ବଳଦ ଓ ଗାଈଙ୍କ ସିଂଘକୁ ବି ରଙ୍ଗିନ ଭାବରେ ସଜା ଯାଏ।









# ଆନନ୍ଦ ଓ ସଂପ୍ରୀତିର ପର୍ବ

# ବିହୁ

**ଆସାମର ଜାତୀୟ ପର୍ବ ହେଉଛି ବିହୁ । ଏହା ଏକ କୃଷି ଭିତ୍ତିକ ପର୍ବ । ବର୍ଷକୁ ତିନି ଥର ଆଡ଼ମ୍ବର ସହକାରେ ଏହାକୁ ପାଳନ କରାଯାଏ । ତେବେ ମକର ସଂକ୍ରାନ୍ତିରେ ପାଳନ କରାଯାଉଥିବା ବିହୁର ବିଶେଷ ମହତ୍ତ୍ୱ ରହିଛି । କାରଣ ଏହି ସମୟରେ କୃଷକମାନେ ରବି ଫସଲ କାଟିବା ଆରମ୍ଭ କରିଥାନ୍ତି । ବିହୁ ସମସ୍ତଙ୍କ ମନରେ ଭରିଦେଇଥାଏ ଆନନ୍ଦ ଓ ଉଲ୍ଲାସ । ଉତ୍ତରାୟଣରେ ପାଳିତ ହେଉଥିବା କୃଷି ଓ କୃଷକର ପର୍ବ ବିହୁକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

## କୃଷି ଓ କୃଷକର ପର୍ବ

ବିହୁ ପର୍ବ କୃଷି ସହିତ ସଂପର୍କିତ । ମାଘ ବିହୁ ହେଉଛି ଫସଲ କାଟିବାର ପ୍ରତୀକ । ଏହି ପର୍ବ ଫସଲ ଅମଳରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ଏହି ଅବସରରେ ଭବିଷ୍ୟତରେ ଭଲ ଫସଲ ଉତ୍ପାଦନ ହେଉ ବୋଲି ଈଶ୍ୱରଙ୍କୁ କୃଷକମାନେ ପ୍ରାର୍ଥନା କରନ୍ତି । ଏହି ଦିନଠାରୁ ଆସାମରେ ଫସଲ କଟାଯାଏ ଓ ବିବାହ ପାଇଁ ଶୁଭ ମୁହୂର୍ତ୍ତ ଦେଖାଯାଇଥାଏ । ସେହିପରି ଏହି ଦିନ କୃଷକମାନେ ନିଜ ଗୋରୁଗାଈଙ୍କୁ ନଦୀକୁ ନେଇ କଞ୍ଚା ହଳଦୀ ଲଗାଇ ଗାଧୋଇଥାନ୍ତି । ଗୋରୁଗାଈଙ୍କୁ ଗାଧୋଇବା ପରେ ସେମାନଙ୍କୁ ବିଭିନ୍ନ ପ୍ରକାର ପରିବା ଖାଇବାକୁ ଦିଆଯିବାର ପରମ୍ପରା ପ୍ରଚଳିତ । ଘରେ ଯଦି ଗୃହପାଳିତ ପଶୁଙ୍କୁ ଭଲରେ ରଖିବେ, ତେବେ ପରିବାରରେ ସୁଖଶାନ୍ତି ବଜାୟ ରହିଥାଏ ବୋଲି ଆସାମର ଲୋକଙ୍କ ମନରେ ଦୃଢ଼ ବିଶ୍ୱାସ ରହିଛି । ତେଣୁ ବିହୁ ପର୍ବ ସମୟରେ ଲୋକେ ଗୋରୁଗାଈଙ୍କ ସେବା କରିଥାନ୍ତି ।







## ଆସାମ ନବ ବର୍ଷ ଆରମ୍ଭ

ପୂର୍ବୋତ୍ତର ରାଜ୍ୟର ଏକ ବଡ଼ ପର୍ବ ବିହୁ । ଆସାମରେ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଏ ଏହି ପର୍ବ । ବିହୁ ପର୍ବରୁ ଆସାମ ନବ ବର୍ଷ ଆରମ୍ଭ ହୋଇଥାଏ । ବର୍ଷରେ ତିନି ଥର ବିହୁ ପର୍ବ ପାଳନ କରାଯାଏ । ପ୍ରଥମେ ଜାନୁଆରୀ ମାସରେ ଭୋଗାଲୀ ବିହୁ ପାଳନ କରାଯାଏ । ଭୋଗାଲୀ ବିହୁ ପର୍ବକୁ ସାତ ଦିନ ଧରି ଆସାମ ଲୋକେ ଅତି ଉତ୍ସାହର ସହିତ ପାଳନ କରିଥାନ୍ତି । ଏହାକୁ ମାଘ ବିହୁ ମଧ୍ୟ କୁହାଯାଏ । ଏହା ପରେ ଅପ୍ରେଲ ମାସ ମଧ୍ୟ ଭାଗରେ ବୋହାଗ ବିହୁ ପାଳିତ ହୋଇଥାଏ । ଏହା ରଙ୍ଗୋଲୀ ବିହୁ ନାମରେ ମଧ୍ୟ ପ୍ରସିଦ୍ଧ । ତୃତୀୟ ଥର ଅକ୍ଟୋବର ମଧ୍ୟ ଭାଗରେ ବିହୁ ପର୍ବ ପାଳନ କରାଯାଏ । ଏହା କଙ୍ଗାଲୀ ବିହୁ ବା କାତି ବିହୁ ନାମରେ ଜଣାଶୁଣା । ତିନି ବିହୁ ମଧ୍ୟରୁ ଭୋଗାଲୀ ବିହୁର ବିଶେଷ ମହତ୍ତ୍ୱ ରହିଛି । ତେବେ ତିନି ବିହୁର ଆଉ କେତେକ ଉପନାମ ମଧ୍ୟ ରହିଛି ।

## ବିହୁର ଧାର୍ମିକ ମହତ୍ତ୍ୱ

ବିହୁ ପର୍ବର ଅନେକ ଧାର୍ମିକ ବିଶେଷତ୍ୱ ରହିଛି । ସୂର୍ଯ୍ୟ ଦେବଙ୍କୁ ସମର୍ପିତ ଏହି ମହାନ୍ ପର୍ବ । ଭାରତର ବିଭିନ୍ନ ପ୍ରାନ୍ତରରେ ଅଲଗା ଅଲଗା ନାମରେ ଏହା ପାଳନ କରାଯାଏ । ମକର ସଂକ୍ରାନ୍ତିରୁ ଏହି ପର୍ବ ଆରମ୍ଭ ହୁଏ । ସକାଳୁ ଶୀଘ୍ର ଉଠି ଲୋକେ ପବିତ୍ର ସ୍ନାନ କରିଥାନ୍ତି । ଏହି ଦିନ ଗଙ୍ଗା ନଦୀରେ ସ୍ନାନ କରିବା ଶୁଭଦାୟକ ବୋଲି କୁହାଯାଏ । ତେଣୁ ବହୁ ଲୋକ ଏହି ଦିନ ଗଙ୍ଗାରେ ବୁଡ଼ ପକାଇବାକୁ ଇଚ୍ଛା ପ୍ରକାଶ କରିଥାନ୍ତି । ସେହିପରି ଏହି ଦିନ ସୂର୍ଯ୍ୟ ଦେବଙ୍କ ପୂଜା କଲେ ପୁଣ୍ୟଫଳ ଲାଭ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏପରିକି ଧାର୍ମିକ ପୀଠ ଓ ତୀର୍ଥସ୍ଥଳ ଦର୍ଶନ କରିବା ମଧ୍ୟ ଶୁଭଫଳ ପ୍ରଦାନ କରିଥାଏ । ପ୍ରଥମ ମାଘ ବିହୁକୁ ନେଇ ସମସ୍ତଙ୍କ ଭିତରେ ଉତ୍ସାହ ଭରିରହିଥାଏ । ସପ୍ତାହ ବ୍ୟାପୀ ଏହି ପର୍ବକୁ ଉତ୍ସାହ, ଉଦ୍ଦୀପନା ସହିତ ପାଳନ କରନ୍ତି । ଏ ଅବସରରେ ରାଶି, ନଡ଼ିଆ, ଚାଉଳ, କ୍ଷୀରରୁ ସ୍ୱତନ୍ତ୍ର ଭାବେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଏ ଅବସରରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଠାକୁରଙ୍କୁ ଭୋଗ ଲଗାନ୍ତି । ସପ୍ତାହ ବ୍ୟାପୀ ବିହୁ ପର୍ବ ପାଳନ ଅବସରରେ ପ୍ରତ୍ୟେକ ଦିନ ନାଚଗୀତରେ ସମସ୍ତେ ମସଗୁଲ୍ ହୋଇଉଠନ୍ତି ।

## ଲୋକପ୍ରିୟ ଲୋକନୃତ୍ୟ ବିହୁ



ଆସାମର ଏକ ଲୋକପ୍ରିୟ ଲୋକନୃତ୍ୟ ବିହୁ । 'ବିହୁ' ଶବ୍ଦ ବିହୁ ନୃତ୍ୟ ଓ ଲୋକଗୀତର ସଂକେତ ପ୍ରଦାନ କରିଥାନ୍ତି । ଏହି ନୃତ୍ୟ ହେଉଛି ହର୍ଷ ଓ ଉଲ୍ଲାସର ପ୍ରତୀକ । ବିହୁ ପର୍ବ ସହିତ ଏହି ନୃତ୍ୟର ନିବିଡ଼ ସଂପର୍କ ରହିଛି । ପୁରୁଷ ଓ ମହିଳା ଉଭୟେ ଦଳବଦ୍ଧ ଭାବେ ନୃତ୍ୟ କରିଥାନ୍ତି । ନର୍ତ୍ତକନର୍ତ୍ତକୀମାନେ ପାରମ୍ପରିକ ରଙ୍ଗିନ ଅହମିୟା ବେଶପୋଷାକ ପରିଧାନ କରିଥାନ୍ତି । ପୁରୁଷ ନୃତ୍ୟଶିଳ୍ପୀ ଓ ବାଦ୍ୟକାରମାନେ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ପ୍ରଥମେ ନୃତ୍ୟ ପରିବେଷଣ କରନ୍ତି । ପରେ ମହିଳା ନୃତ୍ୟଶିଳ୍ପୀମାନେ ପୁରୁଷଙ୍କ ସହିତ ମିଶି ବିଭିନ୍ନ ଭଙ୍ଗୀରେ ନୃତ୍ୟ କରନ୍ତି । ବିଭିନ୍ନ ଲୋକବାଦ୍ୟ ପରିବେଷଣ ନୃତ୍ୟକୁ ଅଧିକ ଆକର୍ଷଣୀୟ କରିଥାଏ ।



# ପର୍ବ ଏକ, ନାମ ଅନେକ

ଭାରତର ବିଭିନ୍ନ ରାଜ୍ୟରେ ଉତ୍ତରାୟଣ ଭିନ୍ନ ଭିନ୍ନ ନାମରେ ପାଳିତ ହେଉଛି । ତେବେ ଏହି ପର୍ବର ଉଦ୍ଦେଶ୍ୟ ସମାନ । ଉତ୍ତରାୟଣରେ ସୂର୍ଯ୍ୟ ଦେବତାଙ୍କ ପୂଜା କରି ରାଶି, ଗୁଡ଼, ଚାଉଳରୁ ପ୍ରସ୍ତୁତ ବ୍ୟଞ୍ଜନ ଭୋଗ କରି ଅର୍ପଣ କରାଯାଏ । ଏହି ପର୍ବ ଗୁଜରାଟରେ ଉତ୍ତରାୟଣ ପର୍ବ ନାମରେ ଜଣାଶୁଣା । ତେବେ ଉତ୍ତରାଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ଓଡ଼ିଶାରେ ମକର ସଂକ୍ରାନ୍ତି ଓ ଖିଚଡ଼ି ପର୍ବ ଭାବେ ପାଳନ କରାଯାଏ । ସେହିପରି ଆସାମରେ ବିହୁ ଓ ଦକ୍ଷିଣ ଭାରତରେ ପୋଙ୍ଗଲ ନାମରେ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରାଯାଏ । ଭାରତର କେତେକ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପାଳିତ ଉତ୍ତରାୟଣ ପର୍ବକୁ ନେଇ ଏଇ ସ୍ୱତନ୍ତ୍ର ରିପୋର୍ଟ ।



## ପଶ୍ଚିମବଙ୍ଗରେ ପୌଷ ସଂକ୍ରାନ୍ତି

ମକର ସଂକ୍ରାନ୍ତି ପଶ୍ଚିମବଙ୍ଗରେ ପୌଷ ସଂକ୍ରାନ୍ତି ଭାବେ ପ୍ରସିଦ୍ଧ । ଏହି ପର୍ବକୁ ବଙ୍ଗବାସୀ ପ୍ରବଳ ଉତ୍ସାହ, ଉଦ୍ଦୀପନା ସହିତ ପାଳନ କରିଥାନ୍ତି । ବଙ୍ଗଳାରେ ପୌଷ ସଂକ୍ରାନ୍ତିକୁ ଏକ ଶୁଭ ଦିନ ଭାବେ ଗଣନା କରାଯାଏ । ଏହି ଦିନ କୃଷକମାନେ ନିଜ ନିଜ ଫସଲ କାଟିବା ଆରମ୍ଭ କରନ୍ତି । ମକର ସଂକ୍ରାନ୍ତି ଭାରତର ବିଭିନ୍ନ ରାଜ୍ୟରେ ଅଲଗା ଅଲଗା ନାମରେ ପାଳିତ ହେଉଥିଲେ ମଧ୍ୟ ଏହା କୃଷି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହା ହେଉଛି କୃଷି ଓ କୃଷକର ପର୍ବ । ଫସଲ ଅମଳର ଉତ୍ସାହ, ଗୃହ ଦେବଦେବୀଙ୍କୁ ପୂଜା, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବା ସହିତ ବିଭିନ୍ନ ବ୍ୟଞ୍ଜନ ଅର୍ପଣ କରିବାର ମାହେନ୍ଦ୍ର ଲଗ୍ନ ହେଉଛି ଏହି ପର୍ବ । ଏ ଅବସରରେ ପଶ୍ଚିମବଙ୍ଗର ଗ୍ରାମାଞ୍ଚଳରେ କୃଷକ ପରିବାରର ଲୋକେ ଘରକୁ ସଫା ସୁତୁରା କରିଥାନ୍ତି । ଚାଉଳ ଓ ଫୁଲରେ ରଙ୍ଗୋଲି ତିଆରି କରନ୍ତି । ଲକ୍ଷ୍ମୀଙ୍କୁ ସ୍ୱାଗତ କରିବା ପାଇଁ ଘରେ ଆମ୍ବ ଡାଳ ଓ ଧାନର ଛୋଟ ଛୋଟ ଗୁଚ୍ଛା କରି ଘରେ ଲଟକାଇଥାନ୍ତି । ଲକ୍ଷ୍ମୀ ହେଉଛନ୍ତି ଧନର ଦେବୀ । ତେଣୁ ଏହି ଦିନ ଲକ୍ଷ୍ମୀଙ୍କ ପ୍ରତୀକ ଚାଉଳ ଦାନ କରିବା ଶୁଭଙ୍କର । ମକର ବା ଉତ୍ତରାୟଣ ହେଉଛି ଭାରତରେ ବିବିଧତା ମଧ୍ୟରେ ଏକତାର ପର୍ବ ।



### ଘରେ ଘରେ ପିଠା ଓ ମିଠା

ପୌଷ ସଂକ୍ରାନ୍ତି ଅବସରରେ ପଶ୍ଚିମବଙ୍ଗର ଘରେ ଘରେ ପାରମ୍ପରିକ ପିଠା ତିଆରି କରାଯାଏ । ଏପରିକି ଚାଉଳ, କ୍ଷୀର ଓ ଖଜୁର ଗୁଡ଼ର ମିଶ୍ରଣରେ ଏକ ସ୍ୱତନ୍ତ୍ର ଶୀତକାଳୀନ ମିଠା ପ୍ରସ୍ତୁତ କରାଯାଏ । ସବୁ ପରିବାର ଏହି ମିଠା ତିଆରି କରି ବନ୍ଧୁବାନ୍ଧବଙ୍କୁ ଖାଇବାକୁ ଦେଇଥାନ୍ତି । ପୌଷ ସଂକ୍ରାନ୍ତିରେ ମିଠା ଓ ପିଠାର ମହକରେ ଘର ମହକି ଉଠୁଥାଏ ।



## ଗୁଜରାଟରେ ଉତ୍ତରାୟଣ

ଭାରତୀୟ ସଂସ୍କୃତିରେ ଉତ୍ତରାୟଣର ସ୍ଥାନ ସ୍ୱତନ୍ତ୍ର । ଗୀତା ଓ ଧାର୍ମିକ ଗ୍ରନ୍ଥରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିର ବିଶେଷ ମହତ୍ତ୍ୱ ରହିଛି । ତେଣୁ ଉତ୍ତରାୟଣକୁ ଉତ୍ସବ ଭାବେ ପାଳନ କରାଯାଏ । ଗୁଜରାଟରେ ମକର ସଂକ୍ରାନ୍ତି ଉତ୍ତରାୟଣ ପର୍ବ ନାମରେ ପ୍ରସିଦ୍ଧ । ଏହି ଦିନ ଗୁଡ଼ିଉଡ଼ାଇବାର ପରମ୍ପରା ପ୍ରଚଳିତ । ଉତ୍ତରାୟଣ ଅବସରରେ ଗୁଜରାଟ ଆକାଶରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରକାର ଗୁଡ଼ି ଉଡ଼ିଥିବା ଦେଖିବାକୁ ମିଳେ । ସାରା ଦିନ ଆନନ୍ଦ ମନରେ ଲୋକେ ବିଭିନ୍ନ ପ୍ରକାର ଗୁଡ଼ି ଉଡ଼ାଇଥାନ୍ତି । ଗୁଡ଼ି ମାଧ୍ୟମରେ ସେମାନେ ଈଶ୍ୱରଙ୍କ ପାଖକୁ ନିଜ ପ୍ରାର୍ଥନା ପଠାଇଥାନ୍ତି । ଉତ୍ତରାୟଣ ଅବସରରେ ନାଚଗୀତର ଆସର ଜମିଥାଏ ।



## କେରଳରେ ବିଲ୍‌କ୍କୁ ପର୍ବ

ମକର ସଂକ୍ରାନ୍ତିରେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିବାର ବିଧି ପ୍ରଚଳିତ । କେରଳରେ ମକର ସଂକ୍ରାନ୍ତିକୁ 'ମକର ବିଲକ୍କୁ' ନାମରେ ପାଳନ କରାଯାଏ । ଏହି ଦିନ କେରଳ ସହିତ ପୂରା ଦକ୍ଷିଣ ଭାରତରେ ଭଗବାନ ଆୟପ୍ପାଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଏ । ସବରୀମାଲାରେ ଏହାକୁ ଏକ ବାର୍ଷିକ ଉତ୍ସବ ଭାବେ ମଧ୍ୟ ପାଳନ କରାଯାଏ । ଏହି ଦିନରୁ ମଲୟାଲମ୍ ପାଞ୍ଜିରେ ପ୍ରଥମ ଦିନ ଆରମ୍ଭ ହୋଇଥାଏ । କୁହାଯାଏ, ଦୀପାରାଧନାରୁ ପୂର୍ବ ଦିଗରେ ଆକାଶରେ ମକର ତାରା ଉଦୟ ହୁଅନ୍ତି । ଏହାପରେ ସବରୀମାଲା ମନ୍ଦିର ଠିକ୍ ବିପରୀତ ଦିଗରେ ପୋନ୍ନମବାଲମେଡୁ ନାମକ ଏକ ପାହାଡ଼ରେ ମହାଆଳତି ହୋଇଥାଏ । ଏହି ମହାଆଳତିର ଦିବ୍ୟ ଦର୍ଶନ କଲେ ଜନ୍ମଜନ୍ମାନ୍ତରର ପାପ କ୍ଷୟ ଓ ଜୀବନ ସୁଖମୟ ହୋଇଥାଏ ବୋଲି ବିଶ୍ୱାସ ରହିଛି ।







### ଗୁଡ଼ି ମହୋତ୍ସବ

ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଗୁଡ଼ି ଉଡ଼ାଇବାର ପରମ୍ପରା ରହିଛି । ଏହି ଦିନ ଦେବଲୋକର ଦ୍ୱାର ଖୋଲା ରହିଥାଏ । ତେଣୁ ନିଜ ଭକ୍ତି ଓ ବିଶ୍ୱାସକୁ ଦେବତାଙ୍କ ପାଖରେ ପହଞ୍ଚାଇବାକୁ ପ୍ରାର୍ଥନା କରି ଗୁଡ଼ିଉଡ଼ା ଯାଇଥାଏ । ଯାହାର ଗୁଡ଼ି ଯେତେ ଉପରରେ ଉଡ଼ିଥାଏ, ତାଙ୍କ ଉପରେ ଦେବତାଙ୍କ ସେତିକି ଅଧିକ କୃପା କରିଥାନ୍ତି ବୋଲି ବିଶ୍ୱାସ ରହିଛି । 'ରାମଚରିତ ମାନସ'ରେ ମଧ୍ୟ ଏହି ପ୍ରସଙ୍ଗ ଉଲ୍ଲେଖ ରହିଛି । ୧୯୮୯ ମସିହାରୁ ଗୁଜରାଟର ଅହମ୍ମଦାବାଦରେ ଉତ୍ତରାୟଣ ଅବସରରେ ଅନ୍ତଃରାଷ୍ଟ୍ରୀୟ ଗୁଡ଼ି ମହୋତ୍ସବର ଆୟୋଜନ କରାଯାଉଛି । ଏହି ଗୁଡ଼ି ମହୋତ୍ସବରେ ମାଲେସିଆ, ଇଣ୍ଡୋନେସିଆ, ଆମେରିକା, ଜାପାନ, ଚୀନ୍ ଆଦି ରାଷ୍ଟ୍ରର ବିଶିଷ୍ଟ ଗୁଡ଼ି ନିର୍ମାତା ଓ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥାନ୍ତି । ଭାରତର ବିଭିନ୍ନ ରାଜ୍ୟ ଓ ଅହମ୍ମଦାବାଦର ଗୁଡ଼ି ନିର୍ମାତାମାନେ ବିଭିନ୍ନ ଆକର୍ଷଣୀୟ ଗୁଡ଼ାଇ ଦର୍ଶକଙ୍କୁ ବିମୋହିତ କରିଥାନ୍ତି । ଅହମ୍ମଦାବାଦରେ ଏକ ଗୁଡ଼ି ସଂଗ୍ରହାଳୟ ମଧ୍ୟ ରହିଛି ।



## ଇତିହାସର ଆଇନାରେ ମାଘୀମେଳା

୧୭୦୦ ଦଶକରେ ମୋଗଲ ଓ ଶିଖଙ୍କ ମଧ୍ୟରେ ଅବିରତ ଯୁଦ୍ଧ ଲାଗି ରହିଥିଲା। ଇତିହାସ ଅନୁଯାୟୀ ୧୭୦୦ ଦଶକରେ ଶିଖଗୁରୁ ଶ୍ରୀ ଗୁରୁ ଗୋବିନ୍ଦ ସିଂ ଦୁର୍ଗ ଆନନ୍ଦପୁର ସାହିବରେ ମୋଗଲ ସେନାମାନଙ୍କ ସହ ଯୁଦ୍ଧଭୂମିରେ ଲଢ଼େଇ କରିଥିଲେ। ଯୁଦ୍ଧ ଚାଲିଥିବା ସମୟରେ ସେହି ଦୁର୍ଗରେ ଖାଦ୍ୟ ଓ ପାଣି ସରିଯିବା ଭଳି ପରିସ୍ଥିତି ମଧ୍ୟ ଉପୁଜିଥିଲା। ଫଳରେ ସେହି ସମୟରେ ଶିଖ୍ ସୈନିକମାନେ ତାଙ୍କୁ ପ୍ରାର୍ଥନା କରିଥିଲେ ଯେ, ସେମାନେ କିଛି ନ ଖାଇ ଏପରି ଭୋକିଲା ଭାବେ ଯୁଦ୍ଧ କରିପାରିବେ ନାହିଁ। ସେମାନଙ୍କୁ ପ୍ରତିକ୍ରିୟା ଦେଇ ଗୁରୁଜୀ କହିଥିଲେ, ଯଦି ତୁମେ ଏହି ଯୁଦ୍ଧ ଅଧାରୁ ଯିବାକୁ ଚାହୁଁଛ, ତେବେ ଲିଖିତ ଆକାରରେ ଲେଖିକି ଦିଅ ଆଜିଠାରୁ ଗୁରୁ ଗୋବିନ୍ଦ ସିଂ ଆମ ଗୁରୁ ନୁହଁନ୍ତି। ଫଳରେ ଯୋଦ୍ଧାମାନେ ଗୁରୁଜୀଙ୍କ କହିବାନୁଯାୟୀ ତାହା ଲେଖି ନିଜ ନିଜ ଘରକୁ ପଳାୟନ କରିଥିଲେ। ଫଳରେ ଏହାର କିଛିଦିନ ପରେ ଗୁରୁ ଶ୍ରୀ ଗୋବିନ୍ଦ ସିଂ ମଧ୍ୟ ସେହି ସ୍ଥାନ ଛାଡ଼ି ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଖିଦରାନାରେ ରହିଥିଲେ। ସେପଟେ ଗୁରୁଙ୍କୁ ଏଭଳି ଅବସ୍ଥାରେ ଏକା ଛାଡ଼ିଯାଇଥିବା ୪୦ ଜଣ ଶିଖ୍ ସୈନିକଙ୍କ ପରିବାର ଲୋକେ ସେମାନଙ୍କର ଏପରି କରିବା ଭୁଲ୍ ବୋଲି କହିଥିଲେ। ଯାହାର ଫଳସ୍ୱରୂପ ଗ୍ରାମବାସୀ ଓ ପରିବାର ଲୋକଙ୍କ କଥା ଶୁଣି ଶିଖ୍ ଯୋଦ୍ଧାମାନେ ମାଇ ଭାଗୋଙ୍କ ନେତୃତ୍ୱରେ ବାହାରି ପଡ଼ିଲେ ଗୁରୁଜୀଙ୍କ ଅନୁସନ୍ଧାନରେ। ଶିଖ୍‌ମାନଙ୍କୁ ଏକତ୍ର କରିବାରେ ମାଇ ଭାଗୋଙ୍କ ପରି ବୀର ନାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ସହ ମିଶି ଯୋଦ୍ଧାମାନେ ଗୁରୁ ଗୋବିନ୍ଦ ସିଂଙ୍କୁ ସନ୍ଧାନ କରି ଶେଷରେ ଖିଦରାନାରେ ପହଞ୍ଚିଥିଲେ। ସେଠାରେ ମୋଗଲମାନଙ୍କ ସହ ସେମାନେ ଯୁଦ୍ଧ କରିଥିଲେ। ଏହି ଯୁଦ୍ଧରେ ୪୦ ଜଣ ଶିଖ୍ ଯୋଦ୍ଧା ପ୍ରାଣ ହରାଇଥିଲେ। କେବଳ ମାଇ ଭାଗୋ ଏକାକୀ ଜୀବିତ ରହିଥିଲେ।

# ପଞ୍ଜାବରେ ମାଘୀ ମେଳା

ଐତିହ୍ୟ ଓ ସଂସ୍କୃତିର ରାଜ୍ୟ ପଞ୍ଜାବ। ଭାରତୀୟ ଇତିହାସରେ ରକ୍ତାକ୍ତ ଯୁଦ୍ଧର କଥା ଉଠିଲେ ପଞ୍ଜାବର ଶିଖ୍‌ମାନେ ସବୁଠୁ ଆଗରେ ଥାଆନ୍ତି । ତାଙ୍କ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଦେଖିଲେ ଲାଗେ ଭାରତବର୍ଷରେ ଏଭଳି ପରମ୍ପରା ଖୁବ୍ ବିରଳ। ଶିଖ୍ ସମ୍ପ୍ରଦାୟର ଲୋକମାନେ ବହୁ ପର୍ବପର୍ବାଣି ପାଳନ କରିଥାନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି 'ମାଘୀମେଳା'। ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ପବିତ୍ର ସହର ଶ୍ରୀ ମୁକ୍ତସର ସାହିବରେ ଏହି 'ମାଘୀମେଳା'ର ଭବ୍ୟ ଆୟୋଜନ କରାଯାଇଥାଏ।

## ଶିଖ୍ ଯୋଦ୍ଧାଙ୍କ ସ୍ମୃତିରେ ମାଘୀମେଳା

ଶିଖ୍ ସମ୍ପ୍ରଦାୟର ସବୁଠୁ ମହତ୍ତ୍ୱପୂର୍ଣ୍ଣ ପର୍ବପର୍ବାଣି ମଧ୍ୟରୁ 'ମାଘୀମେଳା' ଅନ୍ୟତମ। ଏହି ମେଳା ଏକ ମହତ୍ ଉଦ୍ଦେଶ୍ୟ ରଖି ପାଳନ କରାଯାଇଥାଏ। ୧୯୦୫ ମସିହାରେ ଖିଦରାନା ଯୁଦ୍ଧରେ ମୋଗଲମାନଙ୍କ ସହ ଲଢ଼େଇ କରି ଶହୀଦ ହୋଇଥିବା ୪୦ ଜଣ ଶିଖ୍ ଯୋଦ୍ଧାଙ୍କ ସ୍ମୃତିରେ ଏହି ଉତ୍ସବ ପାଳିତ ହୋଇଆସୁଅଛି। ଏହି ଯୁଦ୍ଧ ପରେ ଖିଦରାନାର ନାମ 'ମୁକ୍ତସର' ରଖାଯାଇଥିଲା। ଶିଖ୍‌ମାନଙ୍କର ଦଶମ ଗୁରୁ ଶ୍ରୀ ଗୁରୁ ଗୋବିନ୍ଦ ସିଂହ ଶହୀଦ ହୋଇଥିବା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଏହି ସ୍ଥାନର ନାମ 'ମୁକ୍ତି କା ସର' ରଖିଥିଲେ । ଯାହାକୁ ପରବର୍ତ୍ତୀ ସମୟରେ 'ମୁକ୍ତସର' ବୋଲି କୁହାଗଲା। ମୋଗଲମାନଙ୍କ ବିରୁଦ୍ଧରେ ଲଢ଼େଇ କରି ଶହୀଦ ହୋଇଥିବା ୪୦ ଜଣ ଶିଖ ଯୋଦ୍ଧାଙ୍କ ପ୍ରତୀକ ରୂପେ ପାଳନ କରାଯାଏ ଏହି ମେଳା।

## ମାଘୀ ମେଳାରେ ସ୍ୱାଦିଷ୍ଟ ଖିରି

ପଞ୍ଜାବରେ ମାଘୀ ମେଳା ଅବସରରେ ଏକ ପ୍ରକାର ଚାଉଳ ଓ ଆଖୁ ରସରେ ପ୍ରସ୍ତୁତ ଖିରି ପ୍ରସ୍ତୁତ କରାଯାଏ। ଏହି ଖିରି ଖୁବ୍ ସୁସ୍ୱାଦୁ। ଏହି ଖିରିକୁ ସମସ୍ତେ ମହା ଆନନ୍ଦରେ ଖାଇଥାନ୍ତି। ଏହି ଖିରି 'ର-ଦି-ଖିର୍' ନାମରେ ବେଶ୍ ପରିଚିତ। ଏହି ଖିରି ମାଘୀ ମେଳା ପୂର୍ବ ଦିନ ସନ୍ଧ୍ୟାରେ ପ୍ରସ୍ତୁତ କରଯାଏ । ପରେ ଏହାକୁ ଥଣ୍ଡା ହେବା ପାଇଁ ରଖାଯାଏ। ପର୍ବ ଦିନ ସକାଳୁ ଏହି ସୁସ୍ୱାଦୁ ଖିରିକୁ ନାଲି ଲଙ୍କା ମିଶ୍ରିତ ଦହି ସହିତ ପରଷା ଯାଇଥାଏ ।





## ଅନ୍ୟତ୍ର ମାଘୀମେଳା

ମାଘୀମେଳା ପଞ୍ଜାବ ବ୍ୟତୀତ ହିମାଚଳ, ହରିୟାନା ଆଦି ରାଜ୍ୟରେ ମଧ୍ୟ ପାଳନ କରାଯାଇଥାଏ । ସେଠାରେ ଏହି ପର୍ବ ମାଘୀ ସାଜି ବା ମାଘର ସଜ ଭାବେ ପରିଚିତ। ବିହାର ଏବଂ ନେପାଳରେ ଏହା ମାଘୀ ପର୍ବ ବା ମାଘୀ ସଂକ୍ରାନ୍ତି ଭାବେ ପ୍ରସିଦ୍ଧ।

ଭାରତର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ନାମରେ ଉତ୍ତରାୟଣ ପର୍ବ ପାଳିତ ହୋଇଥାଏ। ତେବେ ଏହି ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ଦିଏ ଏହି ପର୍ବ। ପର୍ବର ନାମ ଭିନ୍ନ ଭିନ୍ନ କିନ୍ତୁ ଉଦ୍ଦେଶ୍ୟ ଏକ। ତେଣୁ ତ ଭାରତୀୟମାନେ ଏହି ପର୍ବକୁ ଅତୀବ ଉତ୍ସାହର ସହିତ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରିଥାନ୍ତି। ■



# ସୁଖ-ସମୃଦ୍ଧି-ଖୁସିର ପ୍ରତୀକ ଲୋହଡ଼ି





**ବସନ୍ତ ଋତୁର ଆଗମନ ସହିତ ହିଁ ଉତ୍ତର ଭାରତରେ ଲୋହଡ଼ିକୁ ବେଶ୍ ହର୍ଷ ଉଲ୍ଲାସରେ ପାଳନ କରାଯାଏ । ଏହିଦିନ ଚାଷୀ ତା'ର ନୂଆ ଫସଲକୁ ଅଗ୍ନିଦେବଙ୍କୁ ସମର୍ପି ସୂର୍ଯ୍ୟଦେବଙ୍କୁ କୃତଜ୍ଞତା ଜଣାନ୍ତି । ଏହି ପର୍ବ ହେଉଛି ସୁଖ-ସମୃଦ୍ଧି ଏବଂ ଖୁସିର ପ୍ରତୀକ । ମକର ସଂକ୍ରାନ୍ତିର ଦିନକ ପୂର୍ବରୁ ପାଳନ କରାଯାଉଥିବା ଏହି ଉତ୍ସବକୁ ଦେଶର ବିଭିନ୍ନ ସ୍ଥାନରେ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ଲୋହଡ଼ି ପାଳନର ପରମ୍ପରାକୁ ନେଇ ଏହି ବିଶେଷ ଉପସ୍ଥାପନା ।**

## ଫସଲର ଉତ୍ସବ

ଲୋହଡ଼ି ହେଉଛି ଏକ ପଞ୍ଜାବୀ ଲୋକ ମହୋତ୍ସବ । ଏହାକୁ ବିଶେଷକରି ପଞ୍ଜାବ ସମେତ ହରିୟାଣା ଏବଂ ହିମାଚଳ ପ୍ରଦେଶରେ ମକର ସଂକ୍ରାନ୍ତିର ପୂର୍ବ ସନ୍ଧ୍ୟାରେ ନୂଆ ଫସଲର ଉତ୍ସବ ଭାବେ ପାଳନ କରାଯାଏ । ଲୋହଡ଼ି ପର୍ବ ପାରମ୍ପରିକ ଭାବେ ରବି ଫସଲ ସହ ସମ୍ବନ୍ଧିତ । ଏହି ଦିନ ଆଖୁ ଫସଲ ବୁଣାଯାଏ ଏବଂ ରବି ଫସଲ ଅମଳ କରାଯାଇ ଘରେ ରଖାଯାଏ । ରୀତିନୀତି ଅନୁସାରେ, ଚାଷୀ ତା'ର ନୂଆ ଫସଲକୁ ଅଗ୍ନିକୁ ସମର୍ପଣ କରି ଭଗବାନଙ୍କୁ କୃତଜ୍ଞତା ଅର୍ପଣ କରନ୍ତି ।

## ପାଳନ ପରମ୍ପରା

ପ୍ରଥମେ ଲୋହଡ଼ିକୁ 'ତଲୋଡ଼ି' କୁହାଯାଉଥିଲା । ଏହି ଉତ୍ସବ ଆସାମ, ତାମିଲନାଡୁ ଏବଂ କେରଳରେ 'ମାଘ ବିହୁ', 'ପୋଙ୍ଗଲ', 'ତାଇ ପୋଙ୍ଗଲ' ନାଁରେ ପରିଚିତ । ସେହିପରି ବିହାର ଏବଂ ଉତ୍ତର ପ୍ରଦେଶରେ ଏହାକୁ ଲୋକେ 'ମକର ସଂକ୍ରାନ୍ତି' ଉତ୍ସବ ବୋଲି କହିଥାନ୍ତି । ପଞ୍ଜାବରେ ଧୁମ୍‌ଧାମରେ ଏହି ଉତ୍ସବ ଆୟୋଜିତ ହୋଇଥାଏ । ବିଶେଷକରି ଏହିଦିନ ଢୋଲ ବାଦକଙ୍କୁ ଆମନ୍ତ୍ରଣ କରାଯାଏ । ଢୋଲ ବାଦର ତାଳେ ତାଳେ ଲୋକନୃତ୍ୟ ସାଙ୍ଗକୁ ଲୋକେ ନାଚଗୀତରେ ଝୁମିଥାନ୍ତି ।

## ମୁଖ୍ୟ ଆକର୍ଷଣ ଅଗ୍ନି ପୂଜନ

ଲୋହଡ଼ିର ମୁଖ୍ୟ ଆକର୍ଷଣ ହେଉଛି ରାତିରେ ଜଳାଯାଉଥିବା ଅଗ୍ନି । ଏହାକୁ ହିଁ 'ଲୋହଡ଼ି' କୁହାଯାଏ । ଏହା ଅଗ୍ନିଦେବଙ୍କୁ ପ୍ରତିନିଧିତ୍ୱ କରିଥାଏ । ଗୋଟିଏ ସ୍ଥାନରେ ନିଆଁ ଜଳାଯାଏ । ଘରଲୋକଙ୍କ ସମେତ ବନ୍ଧୁବାନ୍ଧବ, ସାଙ୍ଗସାଥୀ ସମସ୍ତେ ଏହି ନିଆଁ ଚାରିପଟେ ରୁଣ୍ଡ ହୋଇଥାନ୍ତି । ସମସ୍ତେ ମିଶି ଅଗ୍ନିଦେବଙ୍କୁ ରାଶି, ଗୁଡ଼ ସହ ଅନ୍ୟାନ୍ୟ ମିଠା ଅର୍ପଣ କରନ୍ତି । ସେହିପରି ଲୋହଡ଼ିର ପରଦିନକୁ ମକର ସଂକ୍ରାନ୍ତି ଭାବେ ପାଳନ କରାଯାଏ । ଏହାବାଦ୍ ଏହି ଅବସରରେ ବନ୍ଧୁବାନ୍ଧବଙ୍କୁ ଲୋହଡ଼ି ସମ୍ବନ୍ଧିତ ଜିନିଷ ଉପହାର ଦିଆଯାଏ ।

## ଲୋହଡ଼ି ପର୍ବର ମାନ୍ୟତା

ଏହି ପର୍ବ ସୂର୍ଯ୍ୟଦେବ ଓ ଅଗ୍ନିଦେବଙ୍କୁ ସମର୍ପିତ । ଅଗ୍ନିରେ ଗୁଡ଼, ରାଶି ଯାହା କିଛି ଅର୍ପଣ କରାଯାଏ, ସେସବୁ ଦେବଦେବୀଙ୍କ ଭୋଗ ବୋଲି ମାନ୍ୟତା ଅଛି । ଯାହାକୁ ଅଗ୍ନିଙ୍କ ମାଧ୍ୟମରେ ସେମାନେ ଗ୍ରହଣ କରନ୍ତି । ଅଗ୍ନିପୂଜନ ପରେ ଲୋକମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇ ନାଚଗୀତରେ ଏହି ଉତ୍ସବ ପାଳନ କରନ୍ତି ।

## ଲୋହଡ଼ିକୁ ନେଇ ଲୋକକଥା

ଏହାକୁ ନେଇ ଅନେକ ଲୋକକଥା ରହିଛି । ତେବେ ପୌରାଣିକ କାହାଣୀ ଅନୁସାରେ, ଦକ୍ଷ ପ୍ରଜାପତି ନିଜ କନ୍ୟା ସତୀଙ୍କ ସ୍ୱାମୀ ମହାଦେବଙ୍କୁ ତିରସ୍କାର କରିଥିଲେ । ଏହାସହ ସେ ଯଜ୍ଞରେ ମହାଦେବଙ୍କୁ ସାମିଲ ନ କରିବାରୁ ଏହି ଅପମାନକୁ ସତୀ ସହି ନ ପାରି ନିଜକୁ ଅଗ୍ନିରେ ସମର୍ପି ଦେଇଥିଲେ । ଏହି ସ୍ମୃତିରେ ପ୍ରତିବର୍ଷ ଲୋହଡ଼ି ପର୍ବ ପାଳନ କରାଯାଉଥିବା ଲୋକକଥା ପ୍ରଚଳିତ ।

ସେହିପରି ପଞ୍ଜାବରେ ଲୋହଡ଼ି ଉତ୍ସବ ଦୁଲ୍ଲା ଭଟ୍ଟି ସହ ସମ୍ବନ୍ଧିତ କରାଯାଇ ପାଳନ କରାଯାଉଥିବା ବିଶ୍ୱାସ ରହିଛି । ମୋଗଲ ଶାସକ ଆକବର୍‌ଙ୍କ ସମୟରେ ଦୁଲ୍ଲା ଭଟ୍ଟି ଗରିବଙ୍କୁ ସାହାଯ୍ୟ କରୁଥିଲେ । ସେହି ସମୟରେ ଝିଅମାନଙ୍କୁ ଗୁଲାମୀ କରିବା ପାଇଁ ଧନିକମମାନଙ୍କୁ ବିକ୍ରି କରାଯାଉଥିଲା । କୁହାଯାଏ, ଏଭଳି ଅନେକ ଝିଅଙ୍କୁ ଦୁଲ୍ଲାଭଟ୍ଟି ଉଦ୍ଧାର କରି ସେମାନଙ୍କ ବାହାଘର କରାଇଛନ୍ତି ।





## ଲୋହଡ଼ିର ଆଧୁନିକ ରୂପ

ପୂର୍ବ ତୁଳନାରେ ଏବେ ଲୋହଡ଼ି ପର୍ବରେ ଅନେକ ପରିବର୍ତ୍ତନ ଆସିଛି । ଅର୍ଥାତ୍ ପାରମ୍ପରିକ ରୀତିନୀତିରେ ନୂଆ ଢାଞ୍ଚା ଯୋଡ଼ି ହୋଇଯାଇଛି । ତେଣୁ ଆଜି ଏହି ଉତ୍ସବ ପାଳନରେ ଆଧୁନିକତା ଦେଖିବାକୁ ମିଳୁଛି । ଏବେ ଲୋହଡ଼ିରେ ପାରମ୍ପରିକ ପରିଧାନ ଏବଂ ରାନ୍ଧଣା ପରିବର୍ତ୍ତେ ଆଧୁନିକ ବେଶ ପୋଷାକ ସହ ନୂଆ ନୂଆ ରାନ୍ଧଣା ସାମିଲ ହୋଇଛି । ସେହିପରି ପୂର୍ବ ତୁଳନାରେ ଲୋକମାନେ ମଧ୍ୟ ଏହି ଉତ୍ସବରେ କମ୍ ସାମିଲ ହେଉଥିବା ଲକ୍ଷ୍ୟ କରାଯାଉଛି ।



ମକର ସଂକ୍ରାନ୍ତିରେ ବନ୍ଧୁତାର ସମ୍ପର୍କ ଅଧିକ ନିବିଡ଼ ହୋଇଥାଏ । ଏହିଦିନ ସଙ୍ଗାତ ବା ମକର ବସିବାର ପରମ୍ପରା ବହୁ ପ୍ରାଚୀନ । ଏହି ପର୍ବ ଅବସରରେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି କରିବାର ବିଧି ରହିଛି । ପ୍ରତ୍ୟେକ ବ୍ୟଞ୍ଜନର କିଛି ନା କିଛି ବିଶେଷତ୍ୱ ରହିଛି । ଉତ୍ତରାୟଣ ଅବସରରେ ପ୍ରସ୍ତୁତ ହେଉଥିବା କେତେକ ବ୍ୟଞ୍ଜନକୁ ନେଇ ନେଇ ଏହି ଉପସ୍ଥାପନା ।

# ଉତ୍ତରାୟଣ ବ୍ୟଞ୍ଜନ



## ମକର ଚାଉଳ

ମକର ସଂକ୍ରାନ୍ତି ଅସବସରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ମକର ଚାଉଳ ପ୍ରସ୍ତୁତ ହୋଇଥାଏ । ଦିନକ ପୂର୍ବରୁ ଚାଉଳକୁ ପାଣିରେ ବତୁରାଇ ରଖାଯାଏ । ତା'ପରଦିନ ତାହାକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରାଯାଏ । ସେଥିରେ ନଡ଼ିଆକୋରା, ଗୁଡ଼, ଆଖୁଖଣ୍ଡ, ଛେନା, ଗୋଲମରିଚ ଗୁଣ୍ଡ, ଅଦା ପକାଯାଇ ପ୍ରସ୍ତୁତ କରାଯାଏ ମକର ଚାଉଳ । ପ୍ରଥମେ ଏହାକୁ ଠାକୁରଙ୍କ ପାଖରେ ଭୋଗ କରାଯାଏ । ତା'ପରେ ଏହାକୁ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ । ଏଥିରେ କାଜୁ, କିସ୍‌ମିସ୍ ସମେତ ବିଭିନ୍ନ ଫଳ ମଧ୍ୟ ମିଶାଯାଏ । ଏହି ଦିନରେ ପରସ୍ପରକୁ ମକର ଚାଉଳ ଖୁଆଇ 'ମକର' ବା 'ସଙ୍ଗାତ' ବସିବାରେ ପରମ୍ପରା ଓଡ଼ିଶାରେ ବହୁ ଦିନରୁ ପ୍ରଚଳିତ ହୋଇଆସୁଛି ।



## ଘିଅ ସହ ପରଷା ଯାଏ ଖେଚୁଡ଼ି

ମକର ସଂକ୍ରାନ୍ତିରେ ଭିନ୍ନ ଭିନ୍ନ ଖାଦ୍ୟ ସହ ଖେଚୁଡ଼ି ରାନ୍ଧଣାର ପରମ୍ପରା ଅଛି । ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଲୋକମାନେ ସଂକ୍ରାନ୍ତି ଦିନ ଖେଚୁଡ଼ି ରାନ୍ଧିଥାନ୍ତି । ଏହାକୁ କେହି କେହି 'ଖେଚୁଡ଼ି ପର୍ବ' ବୋଲି ମଧ୍ୟ କହନ୍ତି । ଘିଅ ସହିତ ଖେଚୁଡ଼ିକୁ ପରଷା ଯାଇଥାଏ । ବିଭିନ୍ନ ପନିପରିବା ତଥା ମୁଗଡାଲିରେ ପ୍ରସ୍ତୁତ ଖେଚୁଡ଼ି ପେଟକୁ ସୁସ୍ଥ ରଖେ ଓ ଏହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ।



## ଗୋଲାକୃତି ମିଠା ଘେୱର

ଗୋଲାକୃତି ମିଠା ବ୍ୟଞ୍ଜନ ହେଉଛି ଘେୱର । ସାଦା, ଖୁଆ ଓ ମଲାଇ ଏହିପରି ତିନି ପ୍ରକାର ଘେୱର ଅଛି । ଅଟା, କ୍ଷୀର ଓ ଗୁଡ଼ରେ ପ୍ରସ୍ତୁତ କରାଯାଏ । ଏହାକୁ ଉଚ୍ଚ ରକ୍ତଚାପ ରୋଗୀ, ମଧୁମେହ ଓ ମେଦବହୁଳ ରୋଗୀ ଖାଇବା ଉଚିତ ନୁହେଁ ।



## ଅଟା, ଚାଉଳ ଚୂନାରେ ତିଆରି ଅପ୍ପାଲୁ

ଅପ୍ପାଲୁ ମଧ୍ୟ ଦକ୍ଷିଣ ଭାରତର ଏକ ବ୍ୟଞ୍ଜନ । ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାର ଲୋକମାନେ ଏହି ମିଠାକୁ ଅଟା, ଚାଉଳ ଚୂନା, ଗୁଡ଼ରେ ପ୍ରସ୍ତୁତ କରିଥାନ୍ତି । ଏହାକୁ ତେଲରେ ଛଣାଯାଇ ପ୍ରସ୍ତୁତ କରାଯାଏ । ତେବେ ଠାକୁରଙ୍କ ପାଖରେ ଲାଗି ହେବା ପରେ ଏହାକୁ ଖିଆଯାଏ ।



## ଦକ୍ଷିଣ ଭାରତରେ ଲୋକପ୍ରିୟ 'ସ୍ୱିଟ୍ ପୋଙ୍ଗଲ'

ମିଠା ଦଲିଆ ସଦୃଶ ହେଉଛି ସ୍ୱିଟ୍ ପୋଙ୍ଗଲ୍ । ଚାଉଳ ଓ ମୁଗ ଡାଲିରେ ଏହାକୁ ପ୍ରସ୍ତୁତ କରାଯାଇଥାଏ । ବିଶେଷକରି ଦକ୍ଷିଣ ଭାରତରେ ସଂକ୍ରାନ୍ତିରେ ଏହା ପ୍ରସ୍ତୁତ କରାଯାଏ । ଏହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ ।

## ରାଶି ଲଡୁ

ଉତ୍ତରାୟଣର ଅନ୍ୟତମ ବ୍ୟଞ୍ଜନ ହେଉଛି ରାଶି ଲଡୁ । ଲୋକେ ଏହି ଲଡୁକୁ ସଂକ୍ରାନ୍ତିରେ ଅଧିକ ଖାଇଥାନ୍ତି । ବିଶେଷକରି ବିହାର ଓ ଝାଡ଼ଖଣ୍ଡରେ ଏହାର ଚାହିଦା ଅଧିକ । ଗୁଡ଼ ଓ ଧଳା ତଥା କଳା ରାଶିରେ ଏହା ପ୍ରସ୍ତୁତ ହେଉଥିବାରୁ ଏହା ଶରୀରକୁ ଉଷ୍ମତା ପ୍ରଦାନ କରିଥାଏ । ରାଶିରେ ଥିବା ପ୍ରୋଟିନ୍, କ୍ୟାଲସିୟମ୍, ପୋଟାସିୟମ୍ ଶରୀର ପାଇଁ ଉପଯୋଗୀ ।





## ମୁଗ ପୁରରେ ପୁରନ ପୋଲି

ମହାରାଷ୍ଟ୍ରର ପୁରନ ପୋଲି ବ୍ୟଞ୍ଜନକୁ ସଂକ୍ରାନ୍ତିରେ ପ୍ରସ୍ତୁତ କରାଯିବାର ପରମ୍ପରା ରହିଛି । ପୁରିରେ ମୁଗ ପୁର ଦିଆଯାଇ ଏହାକୁ ପ୍ରସ୍ତୁତ କରାଯାଏ । ଏହାକୁ ଆବଶ୍ୟକତାରୁ ଅଧିକ ଖାଇବା ଶରୀର ପାଇଁ କ୍ଷତିକାରକ ।



## ଦହି ଚୁଡ଼ା

ବିହାର ତଥା ଝାଡ଼ଖଣ୍ଡର ଲୋକମାନେ ଦହି ଚୁଡ଼ା ଖାଇଥାନ୍ତି । ଏହାକୁ ଦହି, ଚୁଡ଼ା, ଗୁଡ଼ ନଚେତ୍ ଚିନିରେ ପ୍ରସ୍ତୁତ କରାଯାଏ ।



## ଆଖୁ ରସ ଖିରି

ମକର ସଂକ୍ରାନ୍ତି ଦିନ ପଞ୍ଜାବରେ ଆଖୁ ରସରେ ଖିରି ପ୍ରସ୍ତୁତ କରାଯାଇଥାଏ । ଏଥିରେ ବହୁ ପରିମାଣରେ କାଜୁ ଓ କିସ୍‌ମିସ୍ ବ୍ୟବହାର କରାଯାଉଥିବାରୁ ଏହା ଖୁବ୍ ସ୍ୱାଦିଷ୍ଟ ।



## ପଞ୍ଜାବରେ ପିନ୍ନିର ଆଦର

ପଞ୍ଜାବରେ ମକର ସଂକ୍ରାନ୍ତିରେ ପିନ୍ନି ବହୁଳ ଭାବେ ପ୍ରସ୍ତୁତ କରାଯାଏ । ଘିଅ, ଗହମ ଅଟା, ଗୁଡ଼ ଓ ବାଦାମରେ ପିନ୍ନି ତିଆରି କରାଯାଏ । ବିଭିନ୍ନ ଥଣ୍ଡା ରୋଗରୁ ଏହା ରକ୍ଷା କରିଥାଏ । ଫ୍ୟାଟ୍ ଓ କ୍ୟାଲୋରି ପରିମାଣ ଅଧିକ ଥିବାରୁ ମେଦବହୁଳ ରୋଗୀଙ୍କ ପାଇଁ ହିତକର ନୁହେଁ ।

# ଉଡ଼ି ଉଡ଼ି ଯା'ରେ ଗୁଡ଼ି...

ଆମ ଦେଶରେ ଗୁଡ଼ି ଉଡ଼ାଇବା ଏକ ପ୍ରାଚୀନ ଓ ଲୋକପ୍ରିୟ ପରମ୍ପରା। ମାଞ୍ଜା ସୂତାରେ ବନ୍ଧାହୋଇ ରଙ୍ଗ ବେରଙ୍ଗର ସୁନ୍ଦର ଗୁଡ଼ି ଅଧିକରୁ ଅଧିକ ଉଚ୍ଚ ଉଡ଼ାଇବା, ଉଡୁଥିବା ଅନ୍ୟ ଏକ ଗୁଡ଼ିରେ ସୂତା ସହିତ ନିଜ ଗୁଡ଼ିର ସୂତାଛନ୍ଦି ଲଢ଼େଇ କରିବା, ଅପର ଗୁଡ଼ିଟିର ସୂତାକାଟି ସେଇଟି ଆକାଶରେ ଆଶ୍ରୟହୀନ ଭାବେ ଭାସିଯାଉଥିବା ବେଳେ ବିଜୟ ଆନନ୍ଦରେ ନାଚିଯିବା ଓ ସେହି ସମୟରେ କଟିଯାଇଥିବା ଗୁଡ଼ିଟିକୁ ଧରିବା ପାଇଁ ହାତରେ ବାଡ଼ି, ବାଉଁଶ ଓ ତାଳପତ୍ର ଧରି ଧାଉଁଥିବା ପିଲାମାନଙ୍କର ଦଉଡ଼ ଅତୀବ ଆନନ୍ଦଦାୟକ। ଗୁଡ଼ିଉଡ଼ା ପରମ୍ପରାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।



ପ୍ରସନ୍ନ କୁମାର ମିଶ୍ର

## ଗୁଡ଼ିଉଡ଼ା ପରମ୍ପରା

ଭାରତର ପ୍ରାୟ ସବୁ ଅଞ୍ଚଳରେ ଗୁଡ଼ି ଉଡ଼ାଇବାର ପ୍ରଥା ପ୍ରଚଳିତ। ଏହି ପ୍ରଥା ଅତି କମ୍‌ରେ ଅଢ଼େଇ ହଜାର ବର୍ଷ ପୁରୁଣା। ଐତିହାସିକମାନଙ୍କ ମତରେ ଚୀନ୍ ଦେଶରେ ସର୍ବପ୍ରଥମେ ଗୁଡ଼ିଉଡ଼ା ଆରମ୍ଭ କରାଯାଇଥିଲ। ସେ ସମୟରେ ଚୀନ୍ ଦେଶର ସମ୍ରାଟ 'ଲିଆଙ୍ଗ୍' ନିଜ ଲିଖିତ ନିର୍ଦ୍ଦେଶ ଓ ବାର୍ତ୍ତାଗୁଡ଼ିକ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ରାଜ କର୍ମଚାରୀମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଗୁଡ଼ିର ସାହାଯ୍ୟ ନେଉଥିଲେ। ଗୁଡ଼ି ସହିତ ଲିଖିତ ବାର୍ତ୍ତା ବା ନିର୍ଦ୍ଦେଶାବଳୀ ବାନ୍ଧି ଉଚ୍ଚ ଆକାଶରେ ଉଡ଼ାଇ ଦିଆଯାଇଥିଲା। କେତେକଙ୍କ ମତରେ ଗୁଡ଼ିର ଆବିଷ୍କାରକ ହେଉଛନ୍ତି ଗ୍ରୀସର ଟେରେଟମ୍ ରାଜ୍ୟବାସୀ 'ଆରକାଇଟସ୍' ନାମକ ଜଣେ ବ୍ୟକ୍ତି। ସେ ପ୍ରଥମେ ଏହାର ନାମ ନିଜର ନାମ ଅନୁସାରେ 'କାଇଟ୍' ରଖିଥିଲେ। କେତେକ କହନ୍ତି, ଗୁଡ଼ିର ଜନ୍ମ ଚୀନ୍ ଦେଶରେ। ଖ୍ରୀଷ୍ଟପୂର୍ବ ୨୦୬ ମସିହାରେ ଚୀନ୍‌ରେ ପ୍ରସିଦ୍ଧ 'ହାନ' ସାମ୍ରାଜ୍ୟର ସଂସ୍ଥାପକ ଥିଲେ 'ଲିୟୁପେଙ୍ଗ୍'। ଥରେ ଏକ ଯୁଦ୍ଧରେ ସମ୍ରାଟ ଏକୁଟିଆ ଶତ୍ରୁସୈନ୍ୟମାନଙ୍କ ଘେରରେ ପଡ଼ିଯାଇଥିଲେ। ସେମାନେ ସମ୍ରାଟଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଘେର ଛୋଟକରି କ୍ରମଶଃ ଆଗେଇ ଆସୁଥିଲେ। ଏହି ସମୟରେ ଦୂରରେ ଥିବା ଚୀନା ସୈନ୍ୟମାନେ ତାଙ୍କୁ ରକ୍ଷା କରିବା ପାଇଁ ଶୀଘ୍ର ଶୀଘ୍ର ଅନେକ ଗୁଡ଼ି ତିଆର କରି ଆକାଶରେ ଉଡ଼ାଇଦେଲେ। ଏହି ଗୁଡ଼ିସବୁ ଏଭଳି କୌଶଳରେ ତିଆରି ହୋଇଥିଲା ଯେ, ଆକାଶରେ ଉଡ଼ିଲା ମାତ୍ରେ ଏଥିରୁ ବିଚିତ୍ର ଶବ୍ଦସବୁ ବାହାରି ଚାରିଦିଗକୁ କମ୍ପାଇ ଦେଇଥିଲା। ଶତ୍ରୁସୈନ୍ୟମାନେ ଭୟରେ ଛତ୍ରଭଙ୍ଗ ଦେଇ ପଳାଇଲେ। ସମ୍ରାଟ 'ଲିୟୁପେଙ୍ଗ୍' ନିଶ୍ଚିତ ମୃତ୍ୟୁରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ଯୁଦ୍ଧରେ ବିଜୟୀ ହୋଇଥିଲେ।



## ଗୁଡ଼ି ପ୍ରସ୍ତୁତି ପ୍ରଣାଳୀ

ଶୀତଦିନେ ବିଶେଷ ଭାବେ ପର୍ବପର୍ବାଣି ସମୟରେ ଆକାଶର ବୁକୁଚିରି ଶହ ଶହ ରଙ୍ଗିନ ଗୁଡ଼ି ଉଡୁଥିବାର ଦୃଶ୍ୟ ଦର୍ଶକମାନଙ୍କ ମନରେ, ଅଫୁରନ୍ତ ଆନନ୍ଦ ଭରିଦେଇଥାଏ। ଏଥିପାଇଁ ପ୍ରସ୍ତୁତି ମଧ୍ୟ କମ୍ ନୁହେଁ! ଆରମ୍ଭରେ କାଠିଗୁଡ଼ିକ ମସୃଣ ଥିବା ସୁନ୍ଦର ଲଟିଟିଏ ଯୋଗାଡ଼ କରାଯାଏ। ତା'ପରେ ବଢ଼ିଆ ବଢ଼ିଆ ରଙ୍ଗିନ କାଗଜ ତିଆରି ଗୁଡ଼ି ଓ ଶେଷରେ ରିଲ୍ ରିଲ୍ ସୂତା। ସେ ସୂତା ପୁଣି ସାଧାରଣ ସୂତା ନୁହେଁ, ମାଞ୍ଜାସୂତା। ପ୍ରଥମେ ଅଠା ତିଆରି କରାଯାଏ ଓ ସେଥିରେ କାଚଗୁଣ୍ଡ ମିଶାଯାଏ। ତା'ପରେ ନଡ଼ିଆ ଗଛ କିମ୍ବା ବିଜୁଳି ଖୁଣ୍ଟରେ ସୂତାଗୁଡ଼ାଇ ସେଥିରେ ଦୁଇ ତିନିଥର ପରିଷ୍କାର ଭାବେ କାଚଗୁଣ୍ଡ ମିଶା ଅଠା ବୋଳି ଦିଆଯାଏ। ଅଠା ଶୁଖି କାଚ ଭଲଭାବେ ଲାଗିଗଲେ ସୂତାକୁ ଲଟିରେ ଗୁଡ଼ାଇ ଦିଆଯାଏ। ଏଇ ହେଲା ଗୁଡ଼ି ଉଡ଼ାଇବାର ପ୍ରସ୍ତୁତି ପର୍ବ। ଆମ ଦେଶର ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ଲଟି ବା ଲଟେଇର ଆକାର ପ୍ରକାର ଓ ଓଜନରେ ଫରକ ଦେଖାଯାଏ। ପାଟଣା ଓ ଆରାରେ ବ୍ୟବହାର କରାଯାଉଥିବା ଲଟେଇର ଲମ୍ବ ୪ ଫୁଟ ଓ ଓଜନ ୨ କି.ଗ୍ରା.ରୁ ଅଧିକ। ଏହି ଲଟେଇକୁ ହାତରେ ଧରି ପନ୍ଦର ମିନିଟ୍ ପର୍ଯ୍ୟନ୍ତ ଗୁଡ଼ି ଉଡ଼ାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ।

## ଅନ୍ତଃରାଷ୍ଟ୍ରୀୟ ଗୁଡ଼ିଉଡ଼ା ମହୋତ୍ସବ

ପ୍ରତିବର୍ଷ ଗୁଜରାଟର ଅହମ୍ମଦାବାଦରେ ଖୁବ୍ ଜାକଜମକରେ ଅନ୍ତରାଷ୍ଟ୍ରୀୟ ଗୁଡ଼ିଉଡ଼ା ମହୋତ୍ସବ ଅନୁଷ୍ଠିତ ହୁଏ। ସପ୍ତାହେ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିଥାଏ। ମକର ସଂକ୍ରାନ୍ତି ଦିନ ଏହା ଉଦ୍‌ଯାପିତ ହୋଇଥାଏ। ଏହି ଉତ୍ସବରେ ଦେଶବିଦେଶର ହଜାର ହଜାର ସଂଖ୍ୟାରେ ପ୍ରତିଯୋଗୀ ଭାଗ ନେଇଥାନ୍ତି। ଚଳିତ ବର୍ଷ ୫୫ଟି ଦେଶର ୧୫୩ ଜଣ ଓ ଭାରତ ୧୨ଟି ରାଜ୍ୟ ୬୮ ଜଣଙ୍କ ସମେତ ଗୁଜରାଟର ୮୬୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଜଣେ ଜଣେ ପ୍ରତିଯୋଗୀ ଏକସଙ୍ଗେ ଗୋଟିଏ ସୂତାରେ ଭଲିକି ଭଲି ୩୦୦ ଗୁଡ଼ି ବାନ୍ଧିବାର ନଜିର ରହିଛି। ସେହିଭଳି ତେଲଙ୍ଗାନାରେ ଅନ୍ତରାଷ୍ଟ୍ରୀୟ ଗୁଡ଼ି ଦିବସ ପାଳନ କରାଯାଏ। ଏହି ସମାରୋହରେ ୪୦ରୁ ଅଧିକ ଦେଶର ଲୋକମାନେ ଭାଗ ନେଇଥା'ନ୍ତି। ରାଜସ୍ଥାନର ଜୟପୁରରେ ମଧ୍ୟ ମକର ସଂକ୍ରାନ୍ତି ଦିନ ଗୁଡ଼ି ଉତ୍ସବ ପାଳନ କରାଯାଏ। ସେଠାରେ ବିଭିନ୍ନ ଆକୃତିର ଖୁବ୍ ବଡ଼ ବଡ଼ ଗୁଡ଼ିଉଡ଼ା ଯାଏ। ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ଦେଶର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟା ଗୁଡ଼ିଉଡ଼ା ଯାଇଥାଏ। ତେଣୁ ମକର ସଂକ୍ରାନ୍ତିକୁ 'ଗୁଡ଼ି ମହୋତ୍ସବ' ମଧ୍ୟ କୁହାଯାଏ।



## ଓଡ଼ିଶାରେ ଗୁଡ଼ାଉଡ଼ା ପରମ୍ପରା

ଓଡ଼ିଶାରେ ଶୀତଦିନ ଆରମ୍ଭରୁ ଏବଂ ମକର ସଂକ୍ରାନ୍ତି ସମାପ୍ତି ପର୍ଯ୍ୟନ୍ତ ପ୍ରାୟ ସବୁ ସ୍ଥାନରେ ଗୁଡ଼ି ବା ଚକିଉଡ଼ା ଯାଏ। ବିଶେଷଭାବେ ଏକ ହଜାର ବର୍ଷର ସହର କଟକର ଗୁଡ଼ିଉଡ଼ା ପର୍ବ ଓଡ଼ିଶାରେ ପ୍ରସିଦ୍ଧ। ସେଠାରେ ଖୁବ୍ ଉତ୍ସାହ ଉଦ୍ଦୀପନା ସହ ଏହା ପାଳନ କରାଯାଏ। ମକର ସଂକ୍ରାନ୍ତି ଦିନ କାଠଯୋଡ଼ି ନଦୀ ଶଯ୍ୟାରେ ପ୍ରତିବର୍ଷ ବିରାଟ ଗୁଡ଼ିଉଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପିଲାଠାରୁ ବୁଢ଼ା, ସମସ୍ତେ ଏକାଠି ହୋଇ ଖୁବ୍ ଉତ୍ସାହ-ଉଦ୍ଦୀପନା ସହ ଗୁଡ଼ିଉଡ଼ା ପ୍ରତିଯୋଗିତାରେ ଭାଗ ନେଇଥାଆନ୍ତି। ପ୍ରାୟ ମାସକ ପୂର୍ବରୁ ଏହାର ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ। ସହରର ଗଳିକନ୍ଦି ବିଶେଷ ଭାବେ ଚୌଧୁରୀ ବଜାର, ନିମଚଉଡ଼ି, ନନ୍ଦୀ ବସ୍ତି, ଝୋଲାସାହି, ପଟାପୋଲ ଓ ପିଠାପୁର ଆଦି ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ବିବିଧ ରଙ୍ଗ, ଡିଜାଇନ୍ ଓ ଆକାର-ପ୍ରକାର ଗୁଡ଼ିର ଶହ ଶହ ଦୋକାନ ଖୋଲାଯାଇଥାଏ। ପତଳା ରଙ୍ଗିନ କାଗଜ, ପଲିଥିନ୍ ଓ କନା ତିଆରି ଗୁଡ଼ିର ମୂଲ୍ୟ ୩ ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। କେତେକ ଡିଜାଇନର ଗୁଡ଼ିରେ ପୋବ୍‌ଜୀ, ପୋକୋମନ୍ ଓ ଅପ୍‌ନା ଟାଇମ୍ ଆଏଗା ଆଦି ସ୍ଲୋଗାନ ଲେଖାଯାଇଥାଏ। କଟକରେ ଗୁଡ଼ିଉଡ଼ା ପ୍ରଥା ଓଡ଼ିଶାରେ ମୋଗଲ ରାଜତ୍ୱ ସମୟରୁ ଆରମ୍ଭ ହୋଇଥିବାର ଜଣାଯାଏ। ସେତେବେଳେ ଏହି ଉତ୍ସବ ରାଜଉଆସ ମଧ୍ୟରେ ରାଜା, ରାଜପୁତ୍ର ଅନ୍ୟାନ୍ୟ ସମ୍ଭ୍ରାନ୍ତ ପରିବାର ମଧ୍ୟରେ ସୀମିତ ରହିଥିଲା। ଏବେ ସମଗ୍ର ଓଡ଼ିଶାରେ ଏହା ଏକ ଗଣପର୍ବରେ ପରିଣତ ହୋଇଯାଇଛି।

## ଗୁଡ଼ି ସଂଗ୍ରହାଳୟ

ଅହମ୍ମଦାବାଦରେ ଗୋଟିଏ ବିରାଟ ଗୁଡ଼ି ମ୍ୟୁଜିୟମ୍ ଅଛି। ୧୯୮୫ ମସିହାରେ ଏହି ଗୁଡ଼ି ମ୍ୟୁଜିୟମ୍ ପ୍ରତିଷ୍ଠା କରାଯାଇଥିଲା। ତେବେ ୨୭ ଫେବୃଆରୀ ୧୯୮୬ ମସିହାରେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ୫୦ ବର୍ଷର ପୁରୁଣା ଗୁଡ଼ିଗୁଡ଼ିକ ଏଠାରେ ସଂଗ୍ରହ କରି ରଖାଯାଇଛି। ଏହି ସଂଗ୍ରହାଳୟରେ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ଆକାର ଓ ରଙ୍ଗର ଗୁଡ଼ି ରଖାଯାଇଛି। ସେଠାରେ ଏଭଳି ବିଚିତ୍ର ଗୁଡ଼ି ଅଛି ଯାହାକୁ ଦେଖିଲେ ଗୁଡ଼ି ବୋଲି ବିଶ୍ୱାସ ହୁଏନାହିଁ। ୧୨ X ୧୬ ଫୁଟ ବିଶିଷ୍ଟ ଏକ ଗୁଡ଼ି ଏହି ମ୍ୟୁଜିୟମ୍‌ର ଅନ୍ୟତମ ଆକର୍ଷଣ। ଏହି ମ୍ୟୁଜିୟମ୍‌କୁ ଅହମ୍ମଦାବାଦର ଏକ ସାଂସ୍କୃତିକ କେନ୍ଦ୍ରର ମାନ୍ୟତା ଦିଆଯାଇଛି।



## ଗୁଡ଼ିଉଡ଼ା ରେକର୍ଡ

୧୯୯୦ ମସିହା ନଭେମ୍ବର ୧୮ ତାରିଖ ଦିନ ଫ୍ରାନ୍ସର ନାଇମସ୍ ନଗରୀରେ ମାଇକେଲ ଟ୍ରଲେଟ୍ ଓ ତାଙ୍କର ସହଯୋଗୀମାନେ ମିଶି ୧୦୩୮ ମିଟର ଲମ୍ବର ଗୁଡ଼ି ଉଡ଼ାଇଥିଲେ। ଜର୍ମାନୀ ଲିଣ୍ଡେନବର୍ଗ ନଗରୀରେ ୧୯୧୯ ମସିହା ଅଗଷ୍ଟ ୧ ତାରିଖ ଦିନ ଆଠୋଟି ଗୁଡ଼ିକୁ ଯୋଡ଼ି ୯୭୪୦ ମିଟର ଉଚ୍ଚରେ ଉଡ଼ାଯାଇଥିଲା। ଏହି ଉଚ୍ଚତା ଏଭରେଷ୍ଟ ଶୃଙ୍ଗଠାରୁ ଅଧିକ। ୧୯୧୯ ମସିହା ସେପ୍ଟେମ୍ବର ୨୨ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ମେରିଲାଣ୍ଡରେ 'ପେଟ ଡି.ଜିଆକୋମା' ନାମକ ଜଣେ ବ୍ୟକ୍ତି ଘଣ୍ଟା ପ୍ରତି ୧୩୩ କି.ମି. ବେଗରେ ଗୁଡ଼ି ଉଡ଼ାଇ ରେକର୍ଡ ସୃଷ୍ଟି କରିଥିଲେ। ୱାଶିଂଟନ ସ୍ଥିତ ଏଡ୍‌ମଣ୍ଡ କମ୍ୟୁନିଟି କଲେଜର ଦଳେ ଛାତ୍ର ଲୋଗ୍ ସମୁଦ୍ରକୂଳରେ ୨୧ ଅଗଷ୍ଟରୁ ୨୯ ଅଗଷ୍ଟ (୧୯୮୨) ପର୍ଯ୍ୟନ୍ତ ଦୀର୍ଘ ଆଠଦିନ ମୋଟ୍ ୧୮୦ ଘଣ୍ଟା ୧୭ ମିନିଟ୍ ଲଗାତାର ଗୁଡ଼ି ଉଡ଼ାଇ ରେକର୍ଡ ସୃଷ୍ଟି କରିଥିଲେ। ଭାରତରେ ହରିଆଣା ରାଜ୍ୟର 'ହାସୀ' ଗ୍ରାମର 'ଯତିନ୍ଦର ପାଲ୍' ୧ ମିଲିମିଟର ଲମ୍ବ ଓ ୧ ମିଲିମିଟର ଓସାରର ସବୁଠାରୁ ଛୋଟ ଗୁଡ଼ିଟିଏ ତିଆରି କରି ନିଜେ ଉଡ଼ାଇଥିଲେ। ଆନ୍ଧ୍ରପ୍ରଦେଶ ୱାରଙ୍ଗଲର ଟି.ଏସ୍.ମାଲେଶ୍ୱର ୨.୨ ସେ.ମି ଲମ୍ବ ଓ ୨.୩ ସେ.ମି. ଓସାରର ଏକ ଗୁଡ଼ି ଉଡ଼ାଇଥିଲେ। ମୁମ୍ବାଇ ପୋର୍ଟ ଅଞ୍ଚଳର ଏସ୍.କେ.ଅମିନ ଏକ ଚକ୍ରଘୂରୁଥିବା ଗୁଡ଼ି ତିଆରି କରିଥିଲେ ଓ ସେଥିରେ ବ୍ୟାଟେରୀ ଖଞ୍ଜିଥିଲେ। ଗୁଡ଼ିଟି ରାତିରେ ଉଡ଼ିଲେ ଏଥିରେ ଦପ୍ ଦପ୍ ହୋଇ ନାଲିନେଳି ଆଲୋକ ଜଳୁଥିଲା ଏବଂ ମଧୁର ସଙ୍ଗୀତ ଶୁଣାଯାଉଥିଲା। ସେହି ମୁମ୍ବାଇ ନଗରୀର ଅର୍ଜୁନ ଭାଇ ନାମକ ଜଣେ ସୌଖୀନ ଗୁଡ଼ି ଉଡ଼ାଳି ମୋଟା ରଙ୍ଗିନ ପ୍ଲାଷ୍ଟିକରେ ୬ ଫୁଟ ଚଉଡ଼ା ଓ ୬ ଫୁଟ ଲମ୍ବର ଗୋଟିଏ ଗୁଡ଼ି ତିଆରି କରି ସେଥିରେ ଆଠୋଟି ପେନ୍‌ସିଲ ବ୍ୟାଟେରୀ ଖଞ୍ଜିଥିଲେ। ଗୁଡ଼ିଟିରେ ୬୪ଟି ରଙ୍ଗିନ ବଲ୍‌ବ ଜଳୁଥିଲା।



## ମାଞ୍ଜାସୂତା ଉପରେ କଟକଣା

ଅତୀତରେ ଗୁଡ଼ି ଉଡ଼ା ସମୟରେ ମାଞ୍ଜା ସୂତା ବେକରେ ଲାଗି ଅନେକ ସ୍ଥାନରେ ଦୁର୍ଘଟଣା ଘଟିଛି। କେତେକ ଜଣଙ୍କ ଜୀବନହାନି ମଧ୍ୟ ହୋଇଛି। ତେଣୁ ମାଞ୍ଜା ସୂତା ବ୍ୟବହାର ଉପରେ କଟକଣା ଲାଗୁ କରାଯାଉଛି। କଟକ ଜିଲ୍ଲା ପ୍ରଶାସନ ତରଫରୁ ମାଞ୍ଜା ସୂତା ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ମାଞ୍ଜା ସୂତା ତିଆରି, ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ନିୟମ ନମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସତର୍କ କରିଦିଆଯାଇଛି। ଏହି ଗୁଡ଼ାଉଡ଼ା ସମୟରେ କିଏ ନାଳରେ ଗଳି ପଡ଼ିଥାଏ ତ କିଏ ଛାତରୁ ଖସି ଯାଏ। ଛାତରୁ ଖସି ଅନେକ ସ୍ଥାନରେ ଛୋଟପିଲାଙ୍କ ମୃତ୍ୟୁ ହୋଇଥିବା ଖବର ମଧ୍ୟ ରହିଛି। ଦିନ ଥିଲା, କଟକ ସହରର ବାଲିଯାତ୍ରା ପଡ଼ିଆରେ, କଲକତି ଲଟେଇରେ ଏକନମ୍ବରୀ ମାଞ୍ଜାସୂତା ଗୁଡ଼େଇ ପଞ୍ଚାଏ କଟକୀ ଟୋକାଙ୍କ ମେଳରେ ଧାଡ଼ଁ ଧାଡ଼ଁ ଅକ୍ଷୟ ମହାନ୍ତି ଗାଉଥିଲେ - 'ଉଡ଼ି ଉଡ଼ି ଉଡ଼ି, ଯା'ରେ ଗୁଡ଼ି, ଖାଆନା, ଖାଆନା ତୁ କାନି...'। ■





ପୁରୀ-୨, ମୋ: ୮୦୧୮୮୭୫୩୩୫







# ରୁପେଲି ପରଦାରେ ଗୁଡ଼ିର ଝଲକ

କାଗଜରେ ତିଆରି ଗୁଡ଼ି ଖୋଲା ଆକାଶରେ ଖାଲି ଉଡ଼ିଯାଏ ତାହା ନୁହେଁ, ଏହା ଜିଇଁବାର ଢଙ୍ଗ ଶିଖାଏ। ପିଲାଙ୍କ ପାଇଁ ଏହା ଖେଳ ତ ଯୁବବର୍ଗଙ୍କ ପାଇଁ ଗୁଡ଼ି ପ୍ରେମର ପ୍ରତୀକ। ପ୍ରାଚୀନ ଭାରତୀୟ ସାହିତ୍ୟ ଓ ଧାର୍ମିକ ଗ୍ରନ୍ଥରେ ମଧ୍ୟ ଗୁଡ଼ିଉଡ଼ାକୁ ନେଇ ନାନା କଥା ଉଲ୍ଲେଖ ରହିଛି। ଅନ୍ୟପଟେ ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବାର ପ୍ରଥା ବେଶ୍ ନିଆରା। ଗୁଡ଼ିଉଡ଼ା କଥା ମନେ ପଡ଼ିଲେ ପିଲାଠୁ ବୟସ୍କ ସମସ୍ତଙ୍କ ମନରେ ରୋମାଞ୍ଚ ଭରିଯାଏ। ଗୁଡ଼ି ଜୀବନର ପ୍ରତ୍ୟେକ ପରିସ୍ଥିତିରେ ବଞ୍ଚିବାକୁ ଶିକ୍ଷା ଦେଉଥିବାବେଳେ ଏହି ଖୁସି ମୁହୂର୍ତ୍ତର ଚିତ୍ର ପରଦାରେ ମଧ୍ୟ ଦେଖିବାକୁ ମିଳିଛି। କେତେବେଳେ ପ୍ରେମିକାକୁ ମନ କଥା ପାଇଁ ପ୍ରେମିକ ଗୁଡ଼ି ବ୍ୟବହାର କରୁଛି ତ ଆଉ କେଉଁ ଗୁଡ଼ି ଦୁଇଟି ପରିବାରକୁ ଏକଜୁଟ୍ କରିଛି। ତେବେ ଚଳଚ୍ଚିତ୍ରର ନୀଳ ଆକାଶରେ ଏହି ଗୁଡ଼ିଉଡ଼ା କିଛି ଅଭୁଲା ସଙ୍ଗୀତକୁ ନେଇ ଏହି ଆଲେଖ୍ୟ...।

## ମେରି ପ୍ୟାରି ପତଙ୍ଗ



ଏ. ଆର୍. କଦରଙ୍କ 'ଦିଲ୍‌ଲଗି' ଫିଲ୍ମ 'ହଣ୍ଟରିଙ୍ଗ ହାଇଟ୍'ର କଥାବସ୍ତୁକୁ ନେଇ ନିର୍ମିତ। ଚନ୍ଦାବାଇ, ସାରଦା, ଅମର ଏବଂ ଅମିର ବାନୁଙ୍କ ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ରେକର୍ଡ କରିଥିଲା। ଏହି ଫିଲ୍ମରେ 'ମେରି ପ୍ୟାରି ପତଙ୍ଗ ଚାଲେ ...' ଗୀତଟି ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥିଲା। ଏଥିରେ କଣ୍ଠଦାନ କରିଥିଲେ ସମସାଦ୍ ବେଗମ୍, ଉମା ଦେବୀ, ଚୋରସ୍। ଏହି ଗୀତରେ ନାୟିକା ନିଜର ସାଙ୍ଗସାଥୀଙ୍କ ସହିତ ସଜବାଜ ହୋଇ ଗୁଡ଼ିଉଡ଼ାଉଥିବାର ଦୃଶ୍ୟ ରହିଛି। ତେବେ ଗୁଡ଼ିଉଡ଼ା ବାହାନାରେ ପ୍ରତ୍ୟେକ ନିଜ ମନର ମଣିଷକୁ ଖୋଜିବାରେ ଲାଗିଛନ୍ତି।

## ପ୍ରେମ ନିବେଦନର ମାଧ୍ୟମ 'ଅମ୍ବର ସରିୟା'

ଭିଡ଼ ଭିତରେ ପ୍ରେମିକାକୁ ଦେଖିବାର ମଜା ବେଶ୍ ନିଆରା। ଆଉ ଚାରିପାଖେ ଯଦି ନାଚ ଗୀତ ହେଉଥିବ ତେବେ ତ କଥା ସରିଲା। ତେବେ ପ୍ରେମ ନିବେଦନ କରିବାକୁ ଯଦିଓ ପୁରୁଣା ଦିନମାନଙ୍କରେ ଚିଠିର ସ୍ଥାନ ସ୍ୱତନ୍ତ୍ର ଥିଲା, ଚିଠି ଭିତରେ ବି ଲୋକେ ଗୁଡ଼ିକୁ ଆଦରି ନେଇଥିଲେ। ତେବେ ଗୋଟିଏ କାଗଜ ଗୁଡ଼ିକୁ ନେଇ ଯେ, ଏକ ପ୍ରେମ କାହାଣୀର ଆରମ୍ଭ ହୋଇପାରେ, ତାହା 'ଫୁକ୍‌ରେ' ଫିଲ୍ମର 'ଅମ୍ବର ସରିୟା...' ଗୀତରେ ଦେଖିବାକୁ ମିଳିଥିଲା। ଏହି ଗୀତରେ ପୁଲକିତ୍ ସମ୍ରାଟ ଛାତ ଉପରୁ ପ୍ରିୟା ଆନନ୍ଦଙ୍କ ପାଖକୁ ଏକ ଗୁଡ଼ି ପଠାଇଥିବାବେଳେ ଏଥିରେ ସେ ପ୍ରେମ ପାଇଁ ସମ୍ପର୍କ ଅନୁମତି ମାଗିଛନ୍ତି। ଯଦିଓ ଗୁଡ଼ିର ପ୍ରେମ ଶବ୍ଦ ନାୟିକାଙ୍କ ହୃଦୟଙ୍କୁ ଛୁଇଁଛି, ତେଣୁ ସେ ମଧ୍ୟ ପ୍ରେମ ନିବେଦନକୁ ଗ୍ରହଣ କରିବ, ସେହି ଗୁଡ଼ିକୁ ଆଉ ଥରେ ଆକାଶକୁ ଉଡ଼ାଇ ଦେଇଛନ୍ତି। ସୋନା ମହାପାତ୍ର ଏହି ଗୀତରେ କଣ୍ଠଦାନ କରିଛନ୍ତି। ଏହି ଗୀତଟି ଶ୍ରୋତାଙ୍କ ହୃଦୟକୁ ଛୁଇଁ ପାରିଛି।

## କୋମଳମତି ଶିଶୁଙ୍କ ଆଶା 'ଗଟ୍ଟୁ'ର ଗୁଡ଼ି

୨୦୧୨ରେ ରାଜନ୍ ଖୋସାଙ୍କ ନିର୍ଦ୍ଦେଶନାରେ ଭାରତୀୟ ହିନ୍ଦୀ ସିନେମାରେ ପ୍ରବେଶ କରିଥିଲା ଫିଲ୍ମ 'ଗଟ୍ଟୁ'। ଶିଶୁ ଦିବସ ଅବସରରେ 'ଗଟ୍ଟୁ' ଫିଲ୍ମଟି ଭଲ ରେକର୍ଡ କରିଥିଲା। ଏହି ଫିଲ୍ମରେ ୯ ବର୍ଷର ଅନାଥ ଗଟ୍ଟୁ ତା'ର ମାମୁଁଙ୍କ ବ୍ୟବସାୟରେ ମୁଣ୍ଡ ପୂରାଇଥିବାବେଳେ ଗୁଡ଼ିଉଡ଼ାଇବା ତା'ର ମୁଖ୍ୟ ନିଶା। ଗଟ୍ଟୁର ଗୁଡ଼ିଟି ସବୁ ସମୟରେ ବାଜି ମାରୁଥଲା। ତା'ର ମୁଖ୍ୟ ଲକ୍ଷ୍ୟ ହେଉଛି କେବଳ ତା'ର ଗୁଡ଼ିଟି ସୁନୀଳ ଆକାଶରେ ରାଜ୍ କରିବ। ଗଟ୍ଟୁର ଚରିତ୍ର ଦର୍ଶକଙ୍କ ମନରେ ଦୁଃଖ ଆଣି ଦେଇଥାଏ। 'ଗଟ୍ଟୁ' ଫିଲ୍ମଟିରେ ଗୁଡ଼ିକୁ କୋମଳମତି ଶିଶୁଙ୍କ ଆଶା ଓ ଅଭିଳାଷର ପ୍ରତୀକ ରୂପେ ବ୍ୟବହାର କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କର ପିଲାଦିନର ସେ ଗୁଡ଼ିଉଡ଼ା ଦିନକୁ ଫେରାଇ ଆଣିବ।



## 'ଢିଲେ ଦେ ଦେ...'ରେ ଗୁଡ଼ି ଯୁଦ୍ଧ

ଦୁଇ ପରିବାର ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରୁଥିଲା ଗୁଡ଼ିଉଡ଼ା ଲଢ଼େଇ। ଗୁଡ଼ିଉଡ଼ା ତ ଥିଲା ବାହାନା କିନ୍ତୁ ଏହାରି ଭିତରେ ମଜାମସ୍ତି ଗପସପ ତା' ସହିତ ଗୁଡ଼ିଉଡ଼ା ପ୍ରତିଯୋଗିତା ମଧ୍ୟ ହୁଏ। ଏହି ନିବିଡ଼ ସମ୍ପର୍କର ଦୃଶ୍ୟକୁ ସଞ୍ଜୟ ଲୀଲା ଭଁସାଲି ନିଜ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ୍'ର ଗୀତ 'କାଇପୋଚେ- ଢିଲ ଦେ ଦେ ରେ ଭାଇୟା' ଗୀତରେ ଦେଖାଇଥିଲେ। ମକର ସଂକ୍ରାନ୍ତି ଅବସରରେ ସଲମାନ ଖାନ୍ ଓ ଐଶ୍ୱର୍ଯ୍ୟା ରାୟଙ୍କ ଏହି ଗୀତର ଅଭିନୟ ଥିଲା ବେଶ୍ ଉଚ୍ଚକୋଟୀର। ଗୋଟେ ପଟେ ସଲମାନ ଗୁଡ଼ିର ସୂତାକୁ ନିୟନ୍ତ୍ରଣ କରୁଥିବାବେଳେ ଅନ୍ୟପଟେ ଐଶ୍ୱର୍ଯ୍ୟା ଘର ଲୋକଙ୍କ ସହିତ ଛାତରେ ନାଚଗୀତ କରୁଛନ୍ତି। ଆଉ ତାହାରି ଭିତରେ ଚାଲିଛି ଗୁଡ଼ିଉଡ଼ା ଯୁଦ୍ଧ। କେକେ, ଶଙ୍କର ମାଧବାନ୍, ଡୋମିନିକ୍, ଜ୍ୟୋତ୍ସ୍ନା ହାରଦିକର୍‌ଙ୍କ କଣ୍ଠରେ ଏହି ଗୀତର ଲୋକପ୍ରିୟତା ଆଜି ବି ରହିଛି।



## ବନ୍ଧୁତ୍ୱର ପ୍ରତୀକ 'କାଇ ପୋ ଛେ'ର 'ମାଞ୍ଝା'

ପ୍ରେମ ପରି ବନ୍ଧୁତ୍ୱରେ ମଧ୍ୟ ଗୁଡ଼ିଉଡ଼ାର ବେଶ୍ ମହତ୍ତ୍ୱ ରହିଛି। ଯାହା 'କାଇ ପୋ ଛେ' ଫିଲ୍ମରେ ଦେଖିବାକୁ ମିଳିଛି। ଏହି ଫିଲ୍ମରେ ଭାରତୀୟ ପର୍ବର ଝଲକ ଦେଖାଯାଇଥିବାବେଳେ ଏଥିରୁ ବାଦ୍ ପଡ଼ିନି ଗୁଡ଼ିଉଡ଼ା ପରମ୍ପରା। ୨୦୧୩ ମସିହାରେ ଚେତନ ଭଗତଙ୍କ ପୁସ୍ତକ 'ଥ୍ରୀ ମିସ୍‌ଟେକ୍ ଅଫ୍ ଲାଇଫ୍'ର ତିନିଜଣ ସାଙ୍ଗଙ୍କୁ ନେଇ ଫିଲ୍ମଟି ପ୍ରସ୍ତୁତି। ଫିଲ୍ମର ସ୍ୱତନ୍ତ୍ର ଗୀତ 'ମାଞ୍ଝା...'ରେ ସୁଶାନ୍ତ ସିଂହ ରାଜପୁତ୍, ରାଜକୁମାର ରାଓ, ଅମିତ ଶଢ଼, ଅମ୍ରିତା ପୁରୀ ଚମତ୍କାର ଅଭିନୟ କରିଥିଲେ। ଗୀତରେ କଣ୍ଠଦାନ କରିଥିଲେ ଅମିତ୍ ତ୍ରିବେଦ୍ୱୀ ଏବଂ ମୋହନ କାନନ।

## ଫିରଙ୍ଗି ପତଙ୍ଗ

ବର୍ତ୍ତମାନ ସମୟରେ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସବୁକିଛି ବଦଳିଯାଇଥିବା ଭିତରେ ଗୁଡ଼ିଉଡ଼ାର କିପରି ଭାବାତ୍ମକତା ରହିଛି, ତାହା ଦେଖିବାକୁ ମିଳିଛି ଫିଲ୍ମ 'ଯାରାନା'ରେ ଅମିତାଭ ବଚ୍ଚନ ନିଜ ହାତରେ ତିଆରି କରିବାକୁ ଚାହୁଁଛନ୍ତି ଫିରଙ୍ଗି ପତଙ୍ଗ।

## ହୃଦୟଛୁଆଁ 'ରୁତ୍ ଆ ଗୟିରେ'



ଗୁଡ଼ି ଉଡ଼ାଇବା କାହା ପାଇଁ ଖେଳ ତ ଆଉ କାହା ପାଇଁ ମଜାମସ୍ତି। କିନ୍ତୁ ପ୍ରେମିକପ୍ରେମିକାଙ୍କ ପାଇଁ ଗୁଡ଼ିଉଡ଼ା ହେଉଛି ଏକ ମିଛ ବାହାନା। ଗୁଡ଼ିଉଡ଼ା ବାହାନାରେ ନାୟିକାର ସ୍ପର୍ଶ ପାଇବାକୁ ପ୍ରେମିକ କେତେ ବ୍ୟାକୁଳ ଥାଏ, ତାହା ପରଦାରେ ଦେଖିବାକୁ ମିଳିଛି। ୧୯୪୭ ମସିହାରେ ଫିଲ୍ମ 'ଆର୍ଥ'ରେ ଅମୀର ଖାନ୍ ଗୁଡ଼ିଉଡ଼ାଇ ନନ୍ଦିତା ଦାସଙ୍କୁ ଏମିତି ପ୍ରେମଛୁଆଁ ଦେଇଥିଲେ। ପ୍ରେମୀ ଯୁଗଳ ପରିପାଟୀରେ ଛାତ ଉପରେ ଗୁଡ଼ିଉଡ଼ାଇବାର ମଜା ନେଉଛନ୍ତି। ସୁଖବିନ୍ଦର ସିଂହଙ୍କ କଣ୍ଠରେ 'ରୁତ୍ ଆ ଗୟିରେ' ଗୀତର ମାଧୁର୍ଯ୍ୟରେ ସାରା ସହରବାସୀ ଛାତ ଉପରେ ଗୁଡ଼ିଉଡ଼ାର ଅସଲ ମଜା ନେଇଛନ୍ତି।



## ବାସ୍ତବତାର ପ୍ରତିଫଳନ 'ୟେ ଖୁଲା ଆସମାନ୍'

ଗୁଡ଼ିଉଡ଼ା ହିଁ ଜୀବନର ବାସ୍ତବତାକୁ ପ୍ରତିଫଳିତ କରିଥାଏ, ଏହା 'ୟେ ଖୁଲା ଆସମାନ୍' ଫିଲ୍ମରେ ଦେଖିବାକୁ ମିଳିଛି। ଅଭିନାଶ ନାମକ ଯୁବକ ଯେତେବେଳେ ପାଠପଢ଼ାରେ ବିଫଳ ହୋଇ ନିଜର ଦାଦାଙ୍କ ଘରକୁ ବୁଲିବାକୁ ଯାଇଛନ୍ତି, ସେଠାରେ ଜୀବନର ସତ୍ୟତା ଉପରେ ସେ ବହୁତ କିଛି ଜାଣିବାକୁ ସୁଯୋଗ ପାଇଛନ୍ତି। ଏପରିକି ତାଙ୍କ ଦାଦା ସେ ସମୟରେ ଗୁଡ଼ିଉଡ଼ାଇବାରେ ଧୁରନ୍ଧର ଥିଲେ ତାହା ପ୍ରମାଣ କରି ଦେଖାଇଛନ୍ତି।

## ଗୁଡ଼ି ଗୁଡ଼ି ଗୁଡ଼ି...

ପ୍ରତି ଓଡ଼ିଆଙ୍କ ପର୍ବ ରଜକୁ ନେଇ ପ୍ରସ୍ତୁତ ହୋଇଥିଲା 'ପହିଲି ରଜ'। ଏଥିରେ ମଧ୍ୟ ଗୁଡ଼ିଉଡ଼ାର ଛବି ଦେଖିବାକୁ ମିଳେ। ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀଙ୍କ 'ଗୁଡ଼ି ଗୁଡ଼ି ଗୁଡ଼ି ଆରେ ମୋ ଗୁଡ଼ି' ଗୀତଟି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ହସ ଭରିଦେଇଥିଲା। ଏହି ଗୀତରେ ସିଦ୍ଧାନ୍ତଙ୍କ ସହିତ ଅଭିନେତା ଦେବାଶିଷ ଓ ଅନୁ ଦମ୍‌ଦାର ନୃତ୍ୟ ପରିବେଷଣ କରିଛନ୍ତି।





## ଉଡ଼ିଉଡ଼ି ଯାୟେ...

ମାଞ୍ଝା ବିନା ଗୁଡ଼ିଉଡ଼ାଇବା ସମ୍ଭବ ନୁହେଁ, ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଫିଲ୍ମ 'ରଇସ୍'ରେ । ରାମ ଶପଥଙ୍କ କଣ୍ଠରେ 'ଉଡ଼ି ଉଡ଼ି ଯାୟେ...' ଗୀତରେ ଶାହରୁଖ୍ ଖାଁ ଏବଂ ମାହିରାଙ୍କ ପ୍ରେମ କାହାଣୀ ପ୍ରତ୍ୟେକ ଯୋଡ଼ି ପାଇଁ ଏକ ଉଦାହରଣ ସଦୃଶ। ସମ୍ପୂର୍ଣ୍ଣ ଗୀତଟିରେ ହୃଦୟର ଗୁଡ଼ି କିପରି ଆଗକୁ ଉଡ଼ିଉଡ଼ି ଯାଏ ତାହା ବର୍ଣ୍ଣନା କରାଯାଇଛି।



## ଅକ୍ଷୟ ସଙ୍ଗୀତ 'ଉଡ଼ି ଉଡ଼ି ଉଡ଼ି ଯାରେ ଉଡ଼ି'

ଓଡ଼ିଆ ସଂଗୀତ ଜଗତର ଜଣେ କିମ୍ବଦନ୍ତୀ ଗାୟକ ହେଉଛନ୍ତି ସ୍ୱର୍ଗତ ଅକ୍ଷୟ ମହାନ୍ତି। ଓଡ଼ିଆ ଚଳଚ୍ଚିତ୍ରରେ ଅନେକ ଗୀତ ଥିବାବେଳେ ଅକ୍ଷୟଙ୍କ ଗୀତଗୁଡ଼ିକ ଓଡ଼ିଆ ସଙ୍ଗୀତ ଜଗତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତେବେ ଅକ୍ଷୟ ମହାନ୍ତିଙ୍କ ସୁମଧୁର କଣ୍ଠରେ 'ଉଡ଼ି ଉଡ଼ି ଉଡ଼ି ଯାରେ ଉଡ଼ି...ଏ ମୋର ଗୁଡ଼ି' ଗୀତଟିର ସ୍ୱାଦ ବେଶ୍ ନିଆରା। ପିଢ଼ି ପରେ ପିଢ଼ି ଯେତେ ଗୀତ ଆସିଲେ ବି ଏହି ସଙ୍ଗୀତର ମାଧୁର୍ଯ୍ୟ ସବୁବେଳେ ଚିର ସବୁଜ। ୧୯୬୮ ମସିହାରେ ଓଡ଼ିଆ ଫିଲ୍ମ ଦୁନିଆରେ ପ୍ରବେଶ କରିଥିଲା ଫିଲ୍ମ 'କିଏ କାହାର'। ଗୀତିକାର ନାରାୟଣ ପ୍ରସାଦ ସିଂହଙ୍କ ରଚିତ ଏହି ଗୀତରେ କଣ୍ଠଦାନ କରିଥିଲେ ଅକ୍ଷୟ ମହାନ୍ତି। କାଠ ଯୋଡ଼ି ନଦୀ ପଠାରେ ଗୁଡ଼ି ଉଡାଇ ଗୀତ ଗାଉଥିଲେ। ଏବେ ବି ସେ ଗୀତର ମଳିନ ପଡ଼େନି।

## 'ମନ ମୋର କାଗଜ ଗୁଡ଼ି'ରେ ୨୦୦ ଗୁଡ଼ି

ମନ ଭାରି ଅମାନିଆ। କାଗଜ ଗୁଡ଼ି ପରି କେତେବେଳେ କୁଆଡେ ଉଡ଼ିଯାଏ ତାହା କାହାକୁ ଜଣାନଥାଏ। ଅମାନିଆ ମନ ଓ କାଗଜଗୁଡ଼ିର ସମନ୍ୱୟକୁ ନେଇ ପ୍ରଯୋଜକ ଶିବିର କୁମାର ପରିଡ଼ାଙ୍କ ପ୍ରଯୋଜନାରେ ୨୦୨୨ରେ ମୁକ୍ତିଲାଭ କରିଥିଲା 'ମନ ମୋର କାଗଜଗୁଡ଼ି'। ଏହି ରୋମାଣ୍ଟିକ ପ୍ରେମ କାହାଣୀରେ ରାକେଶ ଓ ଭୂମିକାଙ୍କ ଅଭିନୟ ବେଶ୍ ଚମତ୍କାର ହୋଇଥିଲା। ଏଥିରେ ' ଧୀରେ ଧୀରେ ଧୀରେ ଯାରେ ଉଡ଼ି..... ନୀଳ ଆକାଶର ଏହି ଛାତିକୁ ଚିରି' ଟାଇଟଲ୍ ଗୀତଟି ଓଡ଼ିଆ ସିନେ ଦର୍ଶକଙ୍କ ମନରେ ଏକ ପୁଲକ ଆଣିଦେଇଥିଲା। ଏହି ଗୀତଟିର ସୁଟିଂ କଟକ ବାଲିଯାତ୍ରା ପଡ଼ିଆ ଏବଂ ଭୁବନେଶ୍ୱରର ନରାଜ ଆଦି ସ୍ଥାନରେ ହୋଇଥିଲା। ପାଖାପାଖି ୨୦୦ ଗୁଡ଼ି ବ୍ୟବହାର କରାଯିବା ସହ ଉଭୟ ନାୟକ ଓ ନାୟିକା ଗୁଡ଼ି ବ୍ୟବହାର କରି ଆକର୍ଷଣୀୟ ନୃତ୍ୟ କରିଥିଲେ। ଏହି ଚଳଚ୍ଚିତ୍ରରେ ଥିବା ଗୀତଗୁଡ଼ିକ ବସନ୍ତରାଜ ସାମଲ ଏବଂ ସୁବ୍ରତ ସ୍ୱାଇଁଙ୍କ ରଚନା କରିଛନ୍ତି। ■






## ଅକ୍ଲାନ୍ତ କାର୍ଯ୍ୟ, ଅବିଶ୍ରାନ୍ତ ସେବା

ଜନସେବା ଓ ଲୋକଙ୍କ ପାଇଁ କାର୍ଯ୍ୟ କରିବା ସମୟରେ ଶଙ୍ଖପତି ନବୀନ ଯେପରି କ୍ଲାନ୍ତ ଅନୁଭବ କରନ୍ତି ନାହିଁ, ତାଙ୍କର ଯୋଗ୍ୟ ଛାତ୍ର ଭାବରେ ପାଣ୍ଡିଆନ ଶଙ୍ଖପତିଙ୍କ 'ଅକ୍ଲାନ୍ତ' ସେବା ମନ୍ତ୍ରକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟରେ ପରିଣତ କରି ଚାଲିଛନ୍ତି । ଶଙ୍ଖପତି ନବୀନଙ୍କ ଓଡିଶା ରୂପାନ୍ତରଣ ରଥର ସାରଥୀ ସାଜି ପାଣ୍ଡିଆନ ରାଜ୍ୟସାରା ଆରମ୍ଭ କରିଥିବା ବିକାଶ ଯାତ୍ରାକୁ ସମ୍ଭବତଃ ସେଇଥିପାଇଁ ତାଙ୍କର ପ୍ରଚଣ୍ଡ ବିରୋଧୀମାନେ ବି ପ୍ରଶଂସା କରୁଛନ୍ତି ।। ଜାନୁଆରୀ ୧୨ ତାରିଖ ସକାଳେ କଳାହାଣ୍ଡିରେ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ, ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି, ବିଭିନ୍ନ ଉନ୍ନୟନ କାମର ହିସାବ ପ୍ରଦାନ; ଅପରାହ୍ଣରେ ସମ୍ବଲପୁର ଜିଲ୍ଲାର ବରେଇପାଲି ଓ ରେଙ୍ଗାଲିରେ ଦୁଇ ଦୁଇଟି ଜନ ସମାବେଶରେ ଲୋକଙ୍କ ସହ ବିକାଶ ସଂକ୍ରାନ୍ତ ଆଲୋଚନା ଏବଂ ଶେଷରେ ସନ୍ଧ୍ୟାରେ ପୁରୀରେ ପରିକ୍ରମା ପ୍ରକଳ୍ପର ତଦାରଖ। ପାଣ୍ଡିଆନଙ୍କ ଦୀର୍ଘ ଅଠର ଘଣ୍ଟାର ନିରବଚ୍ଛିନ୍ନ ଓ ନିରଳସ କାର୍ଯ୍ୟ ଖାଲି ତାଙ୍କ ଦଳର କର୍ମୀ ଓ କର୍ମକର୍ତ୍ତାଙ୍କୁ ଯେତିକି ଅନୁପ୍ରେରିତ କରିଛି; ବିରୋଧୀ ଦଳର ନେତାଙ୍କ ମନରେ କଅଁଳୁଥିବା କ୍ଷମତା ଆଶାକୁ ସେତିକି ମଉଳାଇ ଦେଇଛି । ପାଣ୍ଡିଆନ ସବୁବେଳେ କହି ଆସୁଛନ୍ତି- ସଫଳତା ପାଇବାକୁ ହେଲେ କେବଳ ଗୋଟିଏ ରାସ୍ତା ହେଉଛି 'କଠିନ ପରିଶ୍ରମ'। ଯାହାକୁ ସେ ନିଜେ ଆପଣେଇଛନ୍ତି ଓ ଅନ୍ୟମାନଙ୍କୁ ଆପଣେଇବାକୁ ପରାମର୍ଶ ଦେଇଛନ୍ତି। ଅକ୍ଲାନ୍ତ କାର୍ଯ୍ୟ, ଅବିଶ୍ରାନ୍ତ ସେବା ଯେପରି ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ। ■



## ତାରାଙ୍କ ନାଡ଼ କାଟିଲେ ଶରତ

ହାତ ପାର୍ଟି କୋରାପୁଟିଆ ନେତା ତାରା ଓ ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତଙ୍କ ମଧ୍ୟରେ ସମ୍ପର୍କ କେତେ ମଧୁର ସମସ୍ତେ ଜାଣନ୍ତି । ପ୍ରଥମେ ତାରାଙ୍କ ପତ୍ନୀ ମିନାକ୍ଷୀଙ୍କୁ ଜିଲ୍ଲା ସଭାପତି ପଦରୁ ହଟାଗଲା; ତାଙ୍କର ବିରୋଧୀ ଗୋଷ୍ଠୀକୁ ସକ୍ରିୟ କରାଯାଇ ଜିଲ୍ଲା ସଭାପତି ଭାବରେ ଅବସ୍ଥାପିତ କରାଗଲା। ଆଉ ଏବେ ଦଳର ରାଜ୍ୟ ନିର୍ବାଚନ କମିଟିରୁ ତାରା ବାଦ୍। ଏ ସବୁ କ'ଣ ଇଙ୍ଗିତ କରୁଛି ସେ କଥା କାହାରିକୁ ଅଜଣା ନାହିଁ । ମାତ୍ର ହାତ ଦଳରେ ଯେ ତାରାଙ୍କୁ କୋଣଠେସା କରିବାକୁ ଉଦ୍ୟମ ଚାଲିଛି ତାହା ଜଳଜଳ ଦିଶୁଛି । ବାରମ୍ବାର ଉପେକ୍ଷିତ ହେବା ପରେ ମନକୁ ବୁଝାଇ ସପ୍ତଗିରିଙ୍କ ସହ ସମ୍ପର୍କ ମଧୁର କରିବାକୁ ତାରା ଶିଶୁ ଉଲ୍ଲାକାଙ୍କ କୋଳ ବସା ଫଟୋକୁ ସାମାଜିକ ଗଣମାଧ୍ୟମରେ ଛାଡ଼ି ଭଲ ସମ୍ପର୍କ ଓ ବୁଝାମଣାର ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ଠିକ୍ ଏତିକି ବେଳକୁ ମଠ ମହନ୍ତ ନିର୍ବାଚନ କମିଟି ସଭ୍ୟ ତାଲିକାରୁ କୁଆଡ଼େ ତାରାଙ୍କ ନାଁକୁ କଟ୍ କରି କାଟି ଦେଇଛନ୍ତି । ମଠର ଶିଷ୍ୟମାନେ ଚା' ଖଟିରେ କରୁଥିବା ଚର୍ଚ୍ଚା ଅନୁସାରେ ତାରାଙ୍କ ଛାଇକୁ କୁଆଡ଼େ ମହନ୍ତ ସହ୍ୟ କରିବା ଅବସ୍ଥାରେ ନାହାନ୍ତି । ତାରାଙ୍କ ନାଁ ଶୁଣିଲେ ଚିହିଁକି ଉଠୁଛନ୍ତି। ସୁଯୋଗ ପାଇବା ମାତ୍ରେ ପାନେ ଦେବାକୁ ସୁଯୋଗ ଉଣ୍ଡି ବସିଛନ୍ତି । ନ ହେଲେ ନିର୍ବାଚନ କମିଟିରୁ ତାରାଙ୍କୁ କ'ଣ ବାଦ ଦିଆଯାଇଥାଆନ୍ତା? ବଲାଙ୍ଗିର ଜିଲ୍ଲାର ନରସିଂହ ଓ ସାଲୁଜାଙ୍କୁ ନିର୍ବାଚନ କମିଟିରେ ସ୍ଥାନ ମିଳିଲା, ମାତ୍ର ଦକ୍ଷିଣ ଓଡ଼ିଶାରୁ ଏକମାତ୍ର ସପ୍ତଗିରି ଉଲ୍ଲାକା ? ଲୋକଙ୍କ ଦ୍ୱାରା ବାରମ୍ବାର ପ୍ରତ୍ୟାଖ୍ୟାତ ହୋଇଥିବା ଅଧଡ଼ଜନେ ନେତା ନିର୍ବାଚନ କମିଟିରେ ସାମିଲ, ମାତ୍ର ତାରା ଅଯୋଗ୍ୟ ? ଏ କଥା କୁଆଡ଼େ ତାରା ସମର୍ଥକମାନେ ହଜମ କରିପାରୁ ନାହାନ୍ତି । ■



## ଗୋଟିଏ ଗୁଳିରେ ଦୁଇ ଶିକାର

ହାତ ପାର୍ଟିର ନିଷ୍ଠାପର ନେତା ସୁର ରାଉତରାୟ ଏବେ ଭାରି ଖୁସି। ତାଙ୍କର ବଡ଼ ଚିନ୍ତା ଦୂର ହୋଇଛି । ଜଟଣୀରେ ପୁଅ ମନ୍ମଥକୁ ନିଜର ରାଜନୈତିକ ଉତ୍ତରାଧିକାରୀ କରିବାକୁ ଘୋଷଣା କରିଛନ୍ତି । ଢ଼େର ଦିନ ହେଲା ସୁର ବଡ଼ ଦ୍ୱନ୍ଦ୍ୱରେ ଥିଲେ । ବଡ଼ ପୁଅ ନା ସାନ ପୁଅ କାହାକୁ ନିଜର ଉତ୍ତରାଧିକାରୀ କରିବେ ତାହାକୁ ନେଇ ଦ୍ୱିଧାରେ ପଡ଼ିଥିଲେ। ବୟସ ବଢ଼ିଥିଲେ ବି ସୁର ମନରେ ଗଜା ଜୁଆନ। ପୋଖରୀ ଗାଧୁଆଠାରୁ ଆରମ୍ଭ କରି ରଙ୍ଗ ଖେଳ ପର୍ଯ୍ୟନ୍ତ ସବୁଠି ସିଏ ରଙ୍ଗିଲା । ଘଡ଼ଘଡ଼ି ପରି ଗର୍ଜନ କରି କଂଗ୍ରେସ ଭବନକୁ କମ୍ପାଇ ଦେବାରେ ସିଏ ଏବେ ବି ସମର୍ଥ। ତଥାପି ସେ କୁଆଡ଼େ ଆଗାମୀ ଦିନରେ ଆଉ ନିର୍ବାଚନ ଲଢ଼ିବେ ନାହିଁ । ଗଲା ୨୦୧୯ ନିର୍ବାଚନ ବେଳେ ସୁର ଘରଘର ବୁଲି ଭୋଟ ମାଗିବା ବେଳେ ଏହା ତାଙ୍କର ଶେଷ ନିର୍ବାଚନ ବୋଲି କହିଥିଲେ। ତେଣୁ ପୁଣି ନିର୍ବାଚନ ଲଢ଼ିଲେ ଲୋକମାନେ ମିଛୁଆ ବୋଲି କହିବେ । ସେଥିପାଇଁ ସୁର ନିଜ ଦୁଇ ପୁଅଙ୍କ ମଧ୍ୟରୁ ଜଣକୁ ନିଜ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିବାକୁ ମସୁଧା କରିଥିଲେ। ଏବେ ସେହି ସମସ୍ୟା ଦୂର ହୋଇଛି । ମନ୍ମଥ କୁଆଡ଼େ ଜଟଣୀରୁ କଂଗ୍ରେସ ପ୍ରାର୍ଥୀ ହେବେ । ସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣି ସୁର ଏହି ଘୋଷଣା କରିଛନ୍ତି । ମାତ୍ର ମନ୍ମଥ କଥା ଘୋଷଣା କରିବା ସମୟରେ ସିଦ୍ଧାର୍ଥ ପ୍ରସଙ୍ଗକୁ ଗୋପନ ରଖିବାର ଟେର କେହି ପାଇନାହାନ୍ତି । ମନ୍ମଥ ପରି ସିଦ୍ଧାର୍ଥ ବି ରାଜନୀତିକୁ ଆସୁ ବୋଲି ସୁରଙ୍କ ଇଚ୍ଛା। ସେଥିପାଇଁ ଗଲା ଦଶହରା ବେଳେ ସିଦ୍ଧାର୍ଥକୁ ନେଇ ସୁର ନିମାପଡ଼ାରେ ଖଡ଼ିଛୁଆଁ କରାଇ ସାରିଛନ୍ତି । ଜଟଣୀରେ ମନ୍ମଥ, ନିମାପଡ଼ାରେ ସିଦ୍ଧାର୍ଥ । ଗୋଟିଏ ଗୁଳିରେ ଦୁଇ ଶିକାର। ■



## ଚେଇଁ ଶୋଇଥିବ ଯିଏ...

ରାଜ୍ୟ ସରକାରଙ୍କ 'ବିଏସ୍‌କେୱାଇ' କାଡର୍ ଯୋଗେ ପ୍ରତିମାସରେ ରାଜ୍ୟର ଲକ୍ଷଲକ୍ଷ ଲୋକ ନୂଆ ଜୀବନ ପାଇ ଖୁସିରେ ଜୀବନ ଅତିବାହିତ କରୁଛନ୍ତି। ବିଏସ୍‌କେୱାଇ କାଡର୍‌କୁ ନେଇ ଗାଁଠୁ ସହର ଯାଏ ସାଧାରଣ ଲୋକେ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବାର ଗ୍ୟାରେଣ୍ଟି ପାଉଛନ୍ତି। ଲକ୍ଷ ଲକ୍ଷ ରୋଗୀ ଦୂରାରୋଗ୍ୟରୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ପାଇଁ ପରିବାରର ଆର୍ଥିକ ଦୁରାବସ୍ଥା ଆଉ ପୂର୍ବଭଳି ଏଥିରେ ପ୍ରତିବନ୍ଧକ ସାଜୁନାହିଁ। ଏ ସବୁ ଧର୍ମେନ୍ଦ୍ର ଦେଖି ପାରୁନାହାନ୍ତି ବା ଦେଖିବାକୁ ଚାହୁଁ ନାହାନ୍ତି ସେ କଥା ଆମକୁ ଜଣାନାହିଁ; ହେଲେ ବିଏସ୍‌କେୱାର ଅପାର ସଫଳତା ଓ ଲୋକଙ୍କ ଖୁସି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ କୁଆଡ଼େ ଭାରି ପୀଡ଼ାଦାୟକ ହୋଇଛି । ଏହି ଗରିବଙ୍କ ଏହି ଦୁଃଖ ଲାଘବ କାର୍ଯ୍ୟକ୍ରମଟି ପ୍ରହସନ ବୋଲି ସିଏ ଗାଇ ବୁଲୁଛନ୍ତି । ଅବଶ୍ୟ ତାଙ୍କ ପରି ନେତା ବା ତାଙ୍କ ଦଳର ନେତା ଏପରି ଟିପ୍ପଣୀ ପ୍ରଦାନରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । କାହିଁକି ଆଶ୍ଚର୍ଯ୍ୟ ହେବାର ନାହିଁ, ସେ କଥା ଆମମୁହଁରୁ ଶୁଣିବା ଅପେକ୍ଷା କୋଣଠେସା ବିଜୟ ବା ଦଳତ୍ୟାଗୀ ଦିଲିପଙ୍କୁ ପଚାରିଲେ ସେମାନେ ବିସ୍ତୃତ ଭାବରେ ଆଲିଙ୍ଗନ ଓ ପୃଷ୍ଠଦେଶରେ ଛୁରୀକାଘାତ ପ୍ରସଙ୍ଗ ଭଲ ଭାବରେ ବୁଝାଇଦେଇ ପାରିବେ । ମାତ୍ର କେନ୍ଦ୍ରମନ୍ତ୍ରୀଙ୍କ 'ପ୍ରହସନ' ଟିପ୍ପଣୀକୁ ନେଇ ଶଙ୍ଖନେତା ପାଣ୍ଡିଆନ ଯେଉଁ ତେରଛା ତୀର ମାରିଛନ୍ତି ତାହା କୁଆଡ଼େ ପଦ୍ମ ଦଳିଆ ନେତାଙ୍କ ହୃଦକନ୍ଦର ଭେଦ କରିଛି। ନିଦରେ ଶୋଇଥିବା ଲୋକଙ୍କୁ ଉଠାଇ ହେବ, ହେଲେ ନିଦରେ ଶୋଇବା ଅଭିନୟ କରୁଥିବା ଲୋକଙ୍କୁ ଉଠାଇ ହେବନାହିଁ ବୋଲି ମର୍ମାର୍ଥରେ ପାଣ୍ଡିଆନ ଯେଉଁ 'ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ' ଟିପ୍ପଣୀ ଦେଇଛନ୍ତି; ତାହା କୁଆଡ଼େ ଧର୍ମେନ୍ଦ୍ରଙ୍କୁ ଭାରି ବାଧିଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।